୦୭ ଏପ୍ରିଲ ୨୦୨୪ ରବିବାର

ସମୟ ଦୃଷ୍ଟି



# ବଢୁଛି ସୁନା




ଭାରତରେ ସୁନା ପ୍ରତି ଲୋକଙ୍କର ଅହେତୁକ ଦୁର୍ବଳତା ଦେଖିବାକୁ ମିଳିଥାଏ । ଅନେକ ଦିନ ଧରି ଏହା ଲୋକଙ୍କର ସମୃଦ୍ଧିର ସଙ୍କେତ ସହିତ ଅସମୟର ସାଥୀ ଭାବେ ଚଳି ଆସିଛି । ଯେତେବେଳେ ଭାରତରେ କେହି ଆର୍ଥିକ ସଙ୍କଟରେ ପଡିଥାଏ, ସେତେବେଳେ ଖୋଜାପଡିଥାଏ ଘରେ ଥିବା ସୁନା ଗହଣାର । ଏହାକୁ ବ୍ୟାଙ୍କରେ ଜମା କରି ହେଉ କିମ୍ବା ବିକ୍ରି କରି ନିଜର ଆର୍ଥିକ ସଙ୍କଟକୁ ଦୂର କରାଯାଇଥାଏ । ତେବେ ୨୦୨୪ ମାର୍ଚ୍ଚ ମାସରେ ଭାରତର ସୁନା ମାର୍କେଟରେ ଅନେକ ହଲଚଲ ଦେଖିବାକୁ ମିଳିଛି । ଅନେକ ଥର ସୁନାର ଦାମ ବଢୁଥିବାବେଳେ କେତେବେଳେ କମିଛି ମଧ୍ୟ । ଏଥିରେ ସୁନାର ଦୁଇଟି ପ୍ରକାର ୨୨ କ୍ୟାରଟ ଓ ୨୪ କ୍ୟାରଟ ଉଭୟ ଅନ୍ତର୍ଭୁକ୍ତ ଅଛନ୍ତି । ତେବେ ଏହା ପଛରେ ଅନେକ କାରଣ ରହିଛି, ଯେଉଁ କାରଣରୁ ଦେଶରେ ସୁନାର ମୂଲ୍ୟରେ ଏଭଳି ପରିବର୍ତ୍ତନ ଆସିଥାଏ । ଏହି ପରିବର୍ତ୍ତନ ପ୍ରତିଦିନ ଦେଖିବାକୁ ମିଳିଥାଏ । ଏହି ମୂଲ୍ୟବୃଦ୍ଧି ଅନେକ ବର୍ଷ ଧରି ଚାଲି ଆସିଛି । ବିଶ୍ୱରେ ଯେତେବେଳେ ବି କୌଣସି ସଙ୍କଟ ଆସିଥାଏ, କିମ୍ବା କୌଣସି କାରଣରୁ ଦେଶଦେଶ ମଧ୍ୟରେ ଯୁଦ୍ଧ ହେବାର ଆଶଙ୍କା ଥାଏ ତେବେ ଆର୍ଥିକ ସଙ୍କଟ ଦେଖିବାକୁ ମିଳେ । ସେତେବେଳେ ଦେଖିବାକୁ ମିଳିଥାଏ ଲୋକମାନ ନିଜର ନିବେଶ ସେୟାର ବାଜାର, ରିଅଲି ଷ୍ଟେଟ୍ ଆଦିରୁ କାଢି ସୁନାରେ ଇନ୍‌ଭେଷ୍ଟ କରିଥାଆନ୍ତି ।


## ସତ ହୋଇଛି ଭବିଷ୍ୟବାଣୀ

ଭାରତୀୟ ସୁନା ମାର୍କେଟକୁ ନେଇ କିଛି ବର୍ଷ ତଳେ ହୋଇଥିବା ଭବିଷ୍ୟବାଣୀ ଯେପରି ସତ ହୋଇଛି । କିଛି ବର୍ଷ ତଳେ ସମୀକ୍ଷକମାନେ ମତ ଦେଇଥିଲେ ୨୦୨୪ ବେଳକୁ ଭାରତରେ ସୁନାର ମୂଲ୍ୟ ୬୮ ହଜାର ଟପିବ, ଯାହା ସତ ହୋଇଛି । ବର୍ତ୍ତମାନ ୨୦୨୪ରେ ଭାରତରେ ସୁନାର ମୂଲ୍ୟ ୭୦ ହଜାରରେ ପହଞ୍ଚିଛି । ଯାହା ଦିନକୁ ଦିନ ବଢି ମଧ୍ୟ ଚାଲିଛି । ତେବେ ଏହି ବର୍ଦ୍ଧିତ ମୂଲ୍ୟ ପଛରେ ଅନେକ କାରଣ ରହିଛି । କିଛି ଲୋକଙ୍କ ମତରେ ଆଗରୁ ସୁନାକୁ କେବଳ ଗହଣା ଦୃଷ୍ଟିରେ ପିନ୍ଧିବାକୁ କିଣା ଯାଉଥିଲା । ହେଲେ ବର୍ତ୍ତମାନ ଲୋକମାନେ ଧୀରେଧୀରେ ସୁନାକୁ ଏକ ଇନ୍‌ଭେଷ୍ଟମେଣ୍ଟ ଆକାରରେ କିଣୁଛନ୍ତି । ଯେଉଁମାନଙ୍କ ପାଖରେ ନିବେଶ ପାଇଁ ଅର୍ଥ ରହିଛି ସେମାନେ ବର୍ତ୍ତମାନ ସେୟାର ମାର୍କେଟ ଓ ଯମି ବାଡି କିଣିବାରେ ପଇସା ନିବେଶ ନକରି ସୁନା କିଣିବାରେ ନିବେଶ କରୁଛନ୍ତି । ସେମାନେ ବର୍ତ୍ତମାନ ସୁନାର କଏନ୍ କିମ୍ବା ବିସ୍କେଟ୍ କିଣିବାରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ସେହିଭଳି ଭାରତରେ ସୁନାର ଗ୍ରାହକ ତିନି ପ୍ରକାରର ଅଛନ୍ତି । ପ୍ରଥମ ମିଡିଲକ୍ଲାସ୍ ଫ୍ୟାମିଲି ଯେଉଁମାନେ ସୁନା କିଣି ଘରକୁ ନେଉଛନ୍ତି । ଆଉ ଏକ ପ୍ରକାର ଗୋଷ୍ଠୀ ହେଲେ ଅପର କ୍ଲାସ୍ ଯେଉଁମାନେ କିଛି ସୁନା ଘରକୁ ନେଉଥିବାବେଳେ କିଛି ଇଲେକଟ୍ରୋନିକ ଏକ୍ସଚେଞ୍ଜରେ ଅର୍ଥ ନିବେଶ

**ବିବାହରେ ଉପହାର ପାଇଁ ହେଉ କିମ୍ବା ନିଜେ ପିନ୍ଧିବା ପାଇଁ ଗହଣା କିଣିବା ସମୟରେ ସବୁଠାରୁ ଆଗରେ ରହିଥାଏ ସୁନା । ତେବେ ବିଗତ କିଛି ବର୍ଷ ମଧ୍ୟରେ ଭାରତରେ ସୁନାର ଦର ଆକାଶ ଛୁଆଁ ହୋଇଛି । ଯାହା ଏବେ ଗ୍ରାହକଙ୍କୁ ଚିନ୍ତାରେ ପକାଇଛି ।**






କରୁଛନ୍ତି । ଆଉ ଏକ ଗୋଷ୍ଠୀହେଲେ କର୍ପୋରେଟ ଗୋଷ୍ଠୀ, ଯେଉଁମାନଙ୍କର ବର୍ତ୍ତମାନ ସୁନା ମାର୍କେଟ ଉପରେ ଦବଦବା ରହିଛି । ଯେଉଁମାନଙ୍କ କାରଣରୁ ମଧ୍ୟ ଭାରତରେ ସୁନାଦର ବଢୁଛି ବୋଲି ମତ ପ୍ରକାଶ ପାଇଥାଏ । ସୂଚନା ଅନୁସାରେ ୧୯୭୧ରେ ସୁନାକୁ କରେନ୍ସିରୁ ମୁକ୍ତ କରାଯାଇଥିଲା ଏବଂ ୧୯୮୦ ସୁଦ୍ଧା ସୁନାର ଦାମ ପାଖାପାଖି ଦୁଇ ହଜାର ପ୍ରତିଶତ ବଢିଥିଲା । ଏହା ସୁନାର ପ୍ରଥମ ମୂଲ୍ୟ ବୃଦ୍ଧି ଥିଲା । ଏହାପରେ ୧୯୯୯ରୁ ୨୦୧୧ ମଧ୍ୟରେ ସୁନାର ଦାମ ପାଖାପାଖି ୬୭୦ ପ୍ରତିଶତ ବଢିଥିଲା । ଏହାପରେ ତୃତୀୟ ବୃଦ୍ଧି ୨୦୧୫ ପରେ ଆରମ୍ଭ ହୋଇଛି, ଯାହା ୨୦୨୫ରେ ସରିବ ବୋଲି ଅର୍ଥଶାସ୍ତ୍ରୀମାନେ ମତ ଦେଇଛନ୍ତି । ପ୍ରଥମ ଓ ଦ୍ୱିତୀୟ ମୂଲ୍ୟବୃଦ୍ଧିରେ ସୁନା ସମୁଦାୟ ୧୫ ପ୍ରତିଶତ ବଢିଥିବାବେଳେ ତୃତୀୟରେ ୧୦ ପ୍ରତିଶତ ବଢିବ ବୋଲି ଆକଳନ କରାଯାଇଛି ।




## ମାର୍ଚ୍ଚରେ ବଢିଛି ସବୁଠାରୁ ଅଧିକ

ସମୀକ୍ଷକଙ୍କ ମତ ଅନୁସାରେ ୟୁଏସ୍ ଫେଡେରାଲ୍ ରିଜର୍ଭ ଦ୍ୱାରା ସେମାନଙ୍କ ସୁଧହାରରେ ହ୍ରାସ ଆଶଙ୍କା ସୁନାର ଦର ବଢାଇଛି । ଏହା ଉଭୟ ଡୋମେଷ୍ଟିକ୍ ଓ ଇଣ୍ଟରନ୍ୟାସନାଲ ମାର୍କେଟ୍‌ରେ ସୁନା ଦରକୁ ବଢାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ଆଲୋଚନା ହେଉଛି । ଆସନ୍ତୁ ଜାଣିବା କିଛି କାରଣ ଯାହା ସୁନାର ମୂଲ୍ୟ ବର୍ଦ୍ଧିତ କରିବାରେ ସହାୟକ ହେଉଛି ।

**ୟୁଏସ୍ ଫେଡେରାଲ୍ ରିଜର୍ଭ ସୁଧହାରରେ ହ୍ରାସ:** ଏହାକୁ ସୁନା ବଢିବାର ପ୍ରମୁଖ କାରଣ ଭାବେ ଆକଳନ କରାଯାଉଛି । ଯେତେବେଳେ ୟୁଏସ୍ ଫେଡେରାଲ୍ ରିଜର୍ଭ ଦ୍ୱାରା ସେମାନଙ୍କ ସୁଧହାରରେ ହ୍ରାସ କରାଯାଉଛି, ସେତେବେଳେ ନିବେଶକମାନେ ଫେଡେରାଲ ରିଜର୍ଭରେ ନିବେଶ କରିବା ଛାଡି ସୁନାରେ କରିବା ଆରମ୍ଭ କରୁଛନ୍ତି । ଯାହା ଫଳରେ ସୁନାର ମୂଲ୍ୟ ବଢି ଚାଲିଛି ।

**ଡଲାର ଇଣ୍ଡେକ୍ସରେ ହ୍ରାସ:** ଡଲାର ଇଣ୍ଡେକ୍ସରେ ହ୍ରାସ ମଧ୍ୟ ସୁନାର ଦାମ ବଢିବାର ଆଉଏକ ପ୍ରମୁଖ କାରଣ । ସାରା ବିଶ୍ୱରେ ସୁନାର ଦାମ ଡଲାରରେ ରହିଥାଏ । ତେଣୁ ଯେତେବେଳେ ଡଲାରର ମୂଲ୍ୟ ଗ୍ଲୋବାଲି ଅନ୍ୟ ମୁଦ୍ରାରେ କମିଥାଏ ସେତେବେଳେ ସମାନ ପରିମାଣର ସୁନା କିଣିବା ପାଇଁ ଅଧିକ ଡଲାରର ଆବଶ୍ୟକତା ପଡିଥାଏ । ତେଣୁ ଯେତେବେଳେ ୟୁଏସ୍ ଡଲାରର ପ୍ରାଇସ୍ କମିଥାଏ, ଲୋକମାନେ ୟୁଏସ୍ ଡଲାର ଛାଡି ସୁନାରେ ନିବେଶ କରିଥାଆନ୍ତି । ଯାହାଫଳରେ ଡଲାର ଇଣ୍ଡେକ୍ସ କମିଲେ ସୁନାର ଦାମ ବଢିଥାଏ । ସେହିଭଳି ଡଲାର ଇଣ୍ଡେକ୍ସ ବଢିଲେ ସୁନାର ମୂଲ୍ୟ କମିବାରେ ଲାଗିଥାଏ । ସେହିଭଳି ଯେତେବେଳେ ଡଲାରର ମୂଲ୍ୟ ଭାରତୀୟ ମୁଦ୍ରାରେ ବଢିଥାଏ । ଅର୍ଥାତ ଯେତେବେଳେ ଗୋଟିଏ ଡଲାରର ଭାରତୀୟ ମୁଦ୍ରାରେ ୭୦ ରୁ ୮୦ ହୋଇଯାଏ, ସେତେବେଳେ ମଧ୍ୟ ଭାରତରେ ସୁନାର ମୂଲ୍ୟ ବଢିଥାଏ ।

**ମୁଦ୍ରା ସ୍ଫିତି ଚାପ:** ଯେତେବେଳେ ସୁନାକୁ ମୁଦ୍ରାସହ ତୁଳନା କରାଯାଇଥାଏ ତେବେ ସୁନାର ମୂଲ୍ୟ ମୁଦ୍ରା ତୁଳନାରେ ଅପରିବର୍ତ୍ତିତ ରହୁଥିବାରୁ ଏହାକୁ ମୁଦ୍ରା ସ୍ଫିତି ଚାପରୁ ମୁକ୍ତି ପାଇଁ ବ୍ୟବହାର କରାଯାଇଥାଏ । ତେଣୁ ନିବେଶକମାନେ ମୁଦ୍ରା ତୁଳନାରେ ସୁନାକୁ ଗୁରୁତ୍ୱ ଦେଇଥାଆନ୍ତି । ଯାହାଫଳରେ ଯେତେବେଳେ ମୁଦ୍ରାସ୍ଫିତି ଅଧିକ ରହିଥାଏ, ସେତେବେଳେ ସୁନାର ଚାହିଦା ବଢିଥାଏ । ଗ୍ରାହକମାନେ ଅଧିକରୁ ଅଧିକ ନିବେଶ ସୁନା ଉପରେ କରିବାକୁ ଚାହାନ୍ତି, ତେଣୁ ସୁନାର ମୂଲ୍ୟ ବୃଦ୍ଧି ଘଟିଥାଏ ।

**ଯୁଦ୍ଧ:** କୌଣସି ଦେଶଦେଶ ମଧ୍ୟରେ ଯୁଦ୍ଧ ହେଲେ ଭାରତରେ ସୁନାର ଦାମ ଉପରେ ପ୍ରଭାବ ପଡିଥାଏ । ବିଶ୍ୱରେ ଭାରତ ସବୁଠାରୁ ଅଧିକ ସୁନା ଆମଦାନୀ କରୁଥିବା ଦେଶ । ତେଣୁ ଯେତେବେଳେ ଯୁଦ୍ଧ କାରଣରୁ ବିଶ୍ୱସ୍ତରରେ ସୁନାର ମୂଲ୍ୟରେ ବୃଦ୍ଧି କାରଣରୁ ମଧ୍ୟ ଭାରତରେ ସୁନାର ମୂଲ୍ୟ ବଢିଥାଏ ।

**ସରକାରୀ ସୁନା ସଂରକ୍ଷଣ:** ବିଶ୍ୱର ପ୍ରାୟ ସମସ୍ତ ଦେଶ ନିଜର ସେଣ୍ଟ୍ରାଲ ବ୍ୟାଙ୍କ ଟ୍ରେଜେରୀରେ କିଛି ସୁନା ଓ ଅର୍ଥ ସଂରକ୍ଷିତ କରି ରଖିଥାଆନ୍ତି । ଯାହାର ଉଦାହରଣ ହେଉଛି ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଆମେରିକାର ଫେଡେରାଲ୍ ରିଜର୍ଭ । ଯେତେବେଳେ ଏମାନେ ସୁନାକୁ ଅଧିକ ପରିମାଣରେ ଗଚ୍ଛିତ ରଖି ବଜାରରୁ କିଣିବା ଆରମ୍ଭ କରନ୍ତି, ସେତେବେଳେ ସୁନାର ଦାମ ଆପେଆପେ





## ଚାରି ପ୍ରକାରର ସୁନା

- ଜୁଏଲାରୀ
- ଗୋଲ୍ଡ ବାର୍,କଏନ୍, ବିସ୍କେଟ୍
- ଗୋଲ୍ଡ ବଣ୍ଡ
- ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)

## ଭାରତରେ ସୁନା ଖଣି

ହାତୀ ଗୋଲ୍ଡ – କର୍ଣ୍ଣାଟକ
କୋଲାର ଗୋଲ୍ଡ ଫିଲ୍ଡ – କର୍ଣ୍ଣାଟକ
ଲାଭା ଗୋଲ୍ଡ – ଝାଡଖଣ୍ଡ
ସୋନଭଦ୍ରା ମାଇନ୍ସ – ଉତ୍ତରପ୍ରଦେଶ
ପରାସି – ଝାଡଖଣ୍ଡ
ପାହଡିଆ – ଝାଡଖଣ୍ଡ
କୁନ୍ଦେରକୋଚା – ଝାଡଖଣ୍ଡ
ଭିତର ଦାରି – ଝାଡଖଣ୍ଡ
ଦାଦମ – ହରିୟାଣା



ବଢିବା ଆରମ୍ଭ କରିଥାଏ । କାରଣ ଏହି ସମୟରେ ବଜାରରେ ସୁନାର ଯୋଗାଣ କମିଥାଏ ।

**ଜୁଏଲାରୀ ମାର୍କେଟ୍:** ଭାରତୀୟମାନେ ସୁନାକୁ ଖୁବ ଭଲ ପାଇଥାଆନ୍ତି । ବିବାହ ହେଉ କିମ୍ବା କୌଣସି ଉତ୍ସବ ସବୁଥିରେ ଆଗ ଖୋଜା ପଡିଥାଏ ସୁନା ଗହଣାର । ସେହିଭଳି ସୁନାକୁ ଭାରତୀୟ ପରମ୍ପରା ସହିତ ମଧ୍ୟ ଯୋଡା ଯାଇଥାଏ । ତେଣୁ କିଛି ପର୍ବ ରହିଛି, ଯେଉଁଥିରେ ସୁନା କିଣିବାର ପ୍ରଥା ରହିଛି । ସେହି ସବୁ ସମୟରେ ସୁନାଦରରେ ବୃଦ୍ଧି ଦେଖିବାକୁ ମିଳିଥାଏ । ତେଣୁ ଗ୍ରାହକଙ୍କ ଡିମାଣ୍ଡ ଅନୁଯାୟୀ ଏହି ମୂଲ୍ୟ ବୃଦ୍ଧି ହୋଇଥାଏ । ସେହିଭଳି ଏହି ଚାହିଦାକୁ ପୂରଣ କରିବାକୁ ଭାରତକୁ ସୁନା ଆମଦାନୀରେ ମଧ୍ୟ ବୃଦ୍ଧି କରିବାକୁ ପଡିଥାଏ । ଯାହାଫଳରେ ଗ୍ଲୋବାଲ ଗୋଲ୍ଡ ପ୍ରାଇସ୍ ଅନୁସାରେ ଭାରତରେ ମଧ୍ୟ ମୂଲ୍ୟ ବୃଦ୍ଧି ପାଇଥାଏ ।

**ଆର୍ଥିକ ମାନ୍ଦାଅବସ୍ଥା:** ଆର୍ଥିକ ମାନ୍ଦାଅବସ୍ଥାକୁ ମୁକାବିଲା କରିବା ପାଇଁ ଅନେକ ସମୟରେ ସରକାର ଅର୍ଥ ବ୍ୟବସ୍ଥାର ଲିକ୍ୟୁଡିଟି ବଢାଇବା ପାଇଁ ଚେଷ୍ଟା କରିଥାଆନ୍ତି । ଯେଉଁଥିପାଇଁ ସରକାର ମଲ୍ଟି- ବିଲିଅନ ଡଲାରର ପ୍ରୋତ୍ସାହନ ପ୍ୟାକେଜ୍ ଘୋଷଣା କରିଥାଆନ୍ତି । ଏହାପରେ ଲୋକମାନେ ଅତିରିକ୍ତ ଖର୍ଚ୍ଚ କରୁଥିବାର ନଜିର ରହିଛି । ଗତ କିଛି ବର୍ଷ ମଧ୍ୟରେ ଦେଖିବାକୁ ମିଳିଛି । ଆର୍ଥିକ ମାନ୍ଦାବସ୍ଥା ପରେ ସୁନାର ମୂଲ୍ୟ ବଢିଛି ।



# ଭାରତୀୟ ପରମ୍ପରା ଓ ସୁନା

ଭାରତୀୟ ପରମ୍ପରାରେ ସୁନାର ମହତ୍ତ୍ୱ ଖୁବ ଅଧିକ । ଭାରତରେ ସୁନାକୁ ସମସ୍ତେ ଖୁବ ଭଲପାଇବା ଦେଇଥାଆନ୍ତି । ଯେଉଁ ବି ଅକେଜନ୍ ହେଲେ ସୁନା ଗହଣାର ଖୋଜା ପଡିଥାଏ । ସୁନାର ମୂଲ୍ୟ ଯେତେ ବଢିଲେ ବି ସୁନାଦୋକାନରେ ଭିଡ ଦେଖିବାକୁ ମିଳିଥାଏ । କେବଳ ମଣିଷ ନୁହେଁ ଏଠାରେ ଭଗବାନଙ୍କ ନିକଟରେ ମଧ୍ୟ ସୁନା ଅର୍ପଣର ବିଧି ରହିଛି । ଅନେକ ଏଭଳି ମନ୍ଦିର ରହିଛି, ଯେଉଁଠି ଠାକୁରଙ୍କୁ ଦାନରେ ସୁନା ଅର୍ପଣ କରାଯାଇଥାଏ । ସେହିଭଳି ବିଭିନ୍ନ ମନ୍ଦିରରେ ଭଗବାନଙ୍କର ସୁନା ଗହଣା ମଧ୍ୟ ରହିଛି, ଯାହାକୁ ବିଭିନ୍ନ ଉତ୍ସବରେ ଠାକୁରଙ୍କୁ ଲାଗି କରାଯାଇଥାଏ । କେବଳ ଧର୍ମୀୟ ଭାବନା ନୁହେଁ ସୁନାକୁ ଭାରତରେ ଷ୍ଟାଟସ ସିମ୍ବଲ ଭାବେ ମଧ୍ୟ ସୁନାକୁ ନିଆଯାଇଥାଏ । ଭାରତୀୟମାନେ ନିଜର ସୁନା ଓ ସୁନାଗହଣାକୁ ଅନ୍ୟମାନଙ୍କ ଆଗରେ ଦେଖେଇବାକୁ ଖୁବ ପସନ୍ଦ କରନ୍ତି, କାରଣ ଏହା ତାଙ୍କର ଷ୍ଟାଟସକୁ ଦେଖେଇଥାଏ । ସେହିଭଳି ବିବାହ, ବ୍ରତଘର, କାନଫୋଡା କିମ୍ବା ଜନ୍ମଦିନ ସବୁ ଉତ୍ସବରେ ସୁନା ଦେବା ଯେପରି ଟ୍ରେଣ୍ଡ୍‌ରେ ଚାଲିଛି । ଭାରତୀୟଙ୍କର ଉପହାର ଭାବେ ପ୍ରଥମ ପସନ୍ଦ ହୋଇଥାଏ ସୁନାର ଅଳଙ୍କାର ।



# ମଣିପୁର



## ସେନାପତି

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରି ରହିଥିବା ମଣିପୁରର ବିଭିନ୍ନ ସ୍ଥାନ ଭିତରେ ସେନାପତି ବେଶ୍ ନିଆରା । ପ୍ରକୃତିର ସବୁଜିମା ଭିତରେ ଏହି ଗାଁଟିର ଦୃଶ୍ୟ ସ୍ୱର୍ଗସମ । ଏଠାରେ ମିଳୁଥିବା ଅପରୂପ ଶାନ୍ତି ପାଇଁ ପ୍ରତିବର୍ଷ ଅନେକ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସିଥାଆନ୍ତି । ଯେଉଁମାନେ ମଣିପୁରର କଲ୍ଚର ହେରିଟେଜ୍କୁ ଏଞ୍ଜୟ କରିବାକୁ ଚାହୁଁଥାଆନ୍ତି ସେମାନଙ୍କ ପାଇଁ ଏହା ବେଷ୍ଟ ଅପସନ୍ । ଏହି ଗାଁକୁ ଘେରି ରହିଥିବା ଜଙ୍ଗଲ ଭିତରେ ଆପଣ ଦିନ ସାରା ବୁଲି ପାରିବେ । ସେହିଭଳି ସନ୍ଧ୍ୟା ସମୟରେ ଏଠିକାର ସ୍ଥାନୀୟ ବାସିନ୍ଦାଙ୍କ ସହିତ ସମୟ ବିତାଇପାରିବେ, ଯାହା ବେଶ୍ ଆନନ୍ଦ ଦାୟକ ହୋଇଥାଏ । ସେମାନେ ଏଠାରେ ଆପଣଙ୍କୁ କିଛି ଭଲ ଖାଦ୍ୟ ମଧ୍ୟ ଖାଇବାକୁ ଦେଇ ପାରନ୍ତି ।

## ଆଣ୍ଡ୍ରୋ

ସେନାପତି ଭଳି ଆଣ୍ଡ୍ରୋ ମଧ୍ୟ ଖୁବ ଆକର୍ଷଣୀୟ ଗ୍ରାମ । ତେବେ ଏଠାରେ ପ୍ରସ୍ତୁତ ହେଉଥିବା ମାଟିର କାରୁକାର୍ଯ୍ୟ ସମସ୍ତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହୋଇଥାଏ । ତେଣୁ ଏଠାକୁ ପ୍ରତିବର୍ଷ ଅନେକ ପର୍ଯ୍ୟଟକଙ୍କ ଭିଡ ଛୁଟିଥାଏ । ଏହି ଗ୍ରାମର ପରିବେଶ ବେଶ୍ ସୁନ୍ଦର ହେବା ସହ ଏଠିକାର ବାସିନ୍ଦା ମଧ୍ୟ ବେଶ୍ ଭଲ ହୋଇଥାଆନ୍ତି । ସେମାନେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସହିତ ହସଖୁସିରେ ମିଶିଥାଆନ୍ତି । ଏଠିକାର ଅନ୍ୟତମ ଆକର୍ଷଣ ଏଠାରେ ଥିବା ମ୍ୟୁଜିୟମ । ଯେଉଁଥିରେ ବିଭିନ୍ନ ପାରମ୍ପରିକ ସାମଗ୍ରୀକୁ ପର୍ଯ୍ୟଟକମାନେ ଦେଖିବା ପାଇଁ ରଖା ଯାଇଛି । ଏଠାରେ ଏକ ନ୍ୟାଚୁରାଲ ପାର୍କ ମଧ୍ୟ ରହିଛି, ଯାହା ପର୍ଯ୍ୟଟକଙ୍କୁ ବେଶ ପସନ୍ଦ ଆସିଥାଏ ।

## ଇମ୍ଫାଲ୍

ଇମ୍ଫାଲ୍ ହେଉଛି ମଣିପୁରର ସବୁଠାରୁ ପ୍ରମୁଖ ସ୍ଥାନ । ଏଠାକୁ ଆସୁଥିବା ପର୍ଯ୍ୟଟକ ଇମ୍ଫାଲ୍ ବୁଲିବାକୁ କେବେ ବି ଭୁଲନ୍ତି ନାହିଁ । ଏଠାରେ ଥିବା ବଡବଡ ହିଲ୍ଟପ ଏହାର ଶୋଭାକୁ ଦ୍ୱିଗୁଣିତ କରିଥାଏ । ଏହା ବ୍ୟତିତ ଏଠାରେ ଥିବା ମଣିପୁର ଷ୍ଟେଟ ମ୍ୟୁଜିୟମ, ପ୍ୟାଲେସ୍ ଅଫ କ୍ୟାଙ୍ଗେଲ୍ ଓ ପୋଲୋ ଗ୍ରାଉଣ୍ଡ୍ ଆଦି ସ୍ଥାନ ରହିଛି ଯାହାକୁ ଦେଖିବାକୁ ପର୍ଯ୍ୟଟକମାନେ ଆଗ୍ରହ ପ୍ରକାଶ କରିଥାଆନ୍ତି ।

## ଖୋଙ୍ଗାଜୋମ୍

ଏହି ସ୍ଥାନ ସୈନ୍ୟମାନଙ୍କ ପାଇଁ ଉତ୍ସର୍ଗୀକୃତ । ଏଠାରେ ହୋଇଥିବା ଆଙ୍ଗଲୋ ମଣିପୁର ୱାରରେ ସହିଦ ହୋଇଥିବା ସୈନିକଙ୍କ ଉଦ୍ଦେଶ୍ୟରେ ସ୍ମୃତିସ୍ତମ୍ଭ ପ୍ରତିଷ୍ଠା କରାଯାଇଛି । ଯାହାକୁ ଦେଖିବାକୁ ଦର୍ଶକଙ୍କର ଭିଡ ଜମିଥାଏ ।


**ଭାରତକୁ ବୁଲି ଆସୁଥିବା ପର୍ଯ୍ୟଟକଙ୍କ ଭିତରେ ମଣିପୁର ପାଇଁ ରହିଛି ଅହେତୁକ ଦୁର୍ବଳତା । ଏଠାରେ ବିଭିନ୍ନ ସ୍ଥାନ ରହିଛି, ଯାହାକୁ ଦେଖିବାକୁ ଦୂରଦୂରାନ୍ତରୁ ଅନେକ ପର୍ଯ୍ୟଟକ ଧାଇଁ ଆସିଥାଆନ୍ତି । ଆସନ୍ତୁ ଜାଣିବା ମଣିପୁରର ଅନନ୍ୟ ସୌନ୍ଦର୍ଯ୍ୟରେ ଭରପୂର ସ୍ଥାନ ଗୁଡିକ ସମ୍ବନ୍ଧରେ ।**



## ଖାଦ୍ୟ ପସରା

- କାଙ୍ଗସୋଇ
- ଏରୋମ୍ବା
- ମୋରୋକ୍ ମେଟପା
- ସିଙ୍ଗଜୁ
- ପକ୍ନାମ୍









ଖରାଦିନ ଆସିଲେ ଚପଲ ଚିନ୍ତା ଆଗ ଆସିଥାଏ, କେଉଁ ଚପଲ ପିନ୍ଧିଲେ ଟିକେ ଆରାମ ମିଳିବ ସେନେଇ ସମସ୍ତେ ବିଚାର କରିବା ଆରମ୍ଭ କରନ୍ତି । ତେବେ ବର୍ତ୍ତମାନ ଏହି ତାଲିକାର ସବୁଠାରୁ ଆଗରେ ରହିଛି ରବର ଚପଲ ।

# ସମରରେ ରବର

## ରିଲାକ୍ସିଂ

ବର୍ତ୍ତମାନ ରବର ଚପଲର ଚାହିଦା ଧୀରେଧୀରେ ବଢ଼ିବାରେ ଲାଗିଛି । ଏହାକୁ ଷ୍ଟାଇଲ୍ ଲିଷ୍ଟରେ ସବୁଠାରୁ ଉପରେ ଦେଖିବାକୁ ମିଳୁଛି । ରବରର ଫ୍ଲିପ୍ - ଫ୍ଲପ୍ ବେଶ୍ ରିଲାକ୍ସିଂ ହୋଇଥାଏ । ଏହା ଦେଖିବାକୁ ଯେପରି ସୁନ୍ଦର ପିନ୍ଧିବାକୁ ମଧ୍ୟ ସେପରି ଆରାମ ଦାୟକ । ତେଣୁ ଖରାଦିନେ ଏମାନଙ୍କ ଚାହିଦା ବଢ଼ିଥାଏ । ଖରାଦିନେ ନିଜ ଚପଲ ତାଲିକାରେ ଏହାକୁ ସାମିଲ କରନ୍ତୁ ।

## ପାଦକୁ ଶୁଖିଲା ରଖିଥାଏ

ରବର ସ୍ଲିପର ପିନ୍ଧିଲେ ପାଦ ଓଦା ହେଲେ ଶୁଖିବାର ଭୟ ନଥାଏ । କାରଣ ଏହା ସଙ୍ଗେସଙ୍ଗେ ଶୁଖିବା ସହିତ ପାଦ ବାହାରେ ରହୁଥିବାରୁ ପାଦ ମଧ୍ୟ ଶୀଘ୍ର ଶୁଖିଯାଇଥାଏ । ତେଣୁ ଓଦା ହେଲେ ପାଦରେ କୌଣସି ଇନ୍‌ଫେକସନ୍ ହେବାର ଆଶଙ୍କା ନଥାଏ ।

## ହାଲୁକା

ରବର ଚପଲ ଗୁଡ଼ିକ ଓଜନରେ ହାଲୁକା ହୋଇଥାଏ । ତେଣୁ ଏହା ସମସ୍ତଙ୍କର ପ୍ରଥମ ପସନ୍ଦ ହୋଇଥାଏ, କାରଣ ଏହାକୁ ପିନ୍ଧିବା ସହଜ ହୋଇଥାଏ । ଏହାର ଡିଜାଇନ୍ ଅନୁସାରେ ପାଦର ଅନେକ ଅଂଶ ବାହାରେ ରହିଥାଏ, ଯାହା ଖରାଦିନେ ଝାଳ ହେବାରୁ ରକ୍ଷା କରିଥାଏ । ତେଣୁ ଆରାମ ଲାଗିଥାଏ ।

## ଅଧିକ ଭେରାଇଟି ମିଳିଥାଏ

ଆଜିକାଲି ସମସ୍ତେ ଅଧିକ ଭେରାଇଟିର ଚପଲ ପିନ୍ଧିବାକୁ ପସନ୍ଦ କରୁଛନ୍ତି । ରବର ଚପଲରେ ଅଧିକ ଭେରାଇଟି ଓ ଡିଜାଇନ୍ ମିଳିଥାଏ, ଯାହା ଏହାକୁ ଅନ୍ୟ ଚପଲ ଠାରୁ ସ୍ୱତନ୍ତ୍ର କରିଥାଏ । ସେହିଭଳି ଏହା ଖୁବ ସହଜରେ ଦୋକାନ୍‌ରେ ମିଳି ମଧ୍ୟ ଯାଇଥାଏ, ତେଣୁ ଖରାଦିନେ ନିଜ ଚପଲ ଲିଷ୍ଟରେ ହଳେ କିମ୍ବା ଅଧିକ ରବର ଚପଲ ସାମିଲ କରନ୍ତୁ ।







ମୃଣାଳ
mrinalchatterjeeiimc@gmail.com

## ଆଶୀର୍ବାଦ ପ୍ରାର୍ଥୀ

ନିର୍ବାଚନରେ ବିଭିନ୍ନ ଦଳର ପ୍ରାର୍ଥୀ ତାଲିକା ହାଉଲେ ହାଉଲେ ପ୍ରକାଶ ପାଇବା ସହିତ ଏତେ ପ୍ରାର୍ଥୀ ଜଗନ୍ନାଥଙ୍କ ଆଶୀର୍ବାଦ ନେବା ପାଇଁ ପୁରୀ ପହଞ୍ଚୁଛନ୍ତି ଯେ ଖୋଦ ଜଗନ୍ନାଥ ଏବେ କନଫ୍ୟୁଜ କାହାକୁ ବିଜୟର ଆଶୀର୍ବାଦ ଦେବେ ! ଆଚ୍ଛା, ପ୍ରାର୍ଥୀ ଜଗନ୍ନାଥଙ୍କ ପାଖରେ ଆଶୀର୍ବାଦ ନେବା ପାଇଁ ସଦଳବଳେ କେବଳ ପହଞ୍ଚୁନାହାନ୍ତି, ସେ ଯେ ଆଶୀର୍ବାଦ ନେବାପାଇଁ ଗଲେ ତା'ର ଛବି ଯେମିତି ଗଣମାଧ୍ୟମରେ ବ୍ୟାପକ ଭାବେ ଦିଶିବ ତା'ର ବ୍ୟବସ୍ଥା ବି କରୁଛନ୍ତି । ସାମାଜିକ ଗଣମାଧ୍ୟମରେ ଏ ଛବି ପୋଷ୍ଟ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ବୋଧେ ନିଯୁକ୍ତ ହୋଇଛନ୍ତି, ନ ହେଲେ ଏତେ ଫଟୋ ଏତେ ବିଭିନ୍ନ ପ୍ରକାର ଗଣମାଧ୍ୟମରେ ଦେବା ପାଇଁ ପ୍ରାର୍ଥୀଙ୍କ ପାଖରେ ସମୟ କେଉଁଠୁ ଆସିବ !

## ନିର୍ବାଚନ ବିବରଣୀ

ନିର୍ବାଚନ ପାଖେଇ ଆସିଲାଣି । ଏବେଠୁଁ ଗଣମାଧ୍ୟମରେ ନିର୍ବାଚନ ସମ୍ପର୍କୀୟ ଖବର, ଆଲୋଚନା-ପର୍ଯ୍ୟାଲୋଚନା, ମତ-ମନ୍ତବ୍ୟ ଅଧିକ ସ୍ଥାନ ଓ ସମୟ ଅଧିକାର କଲାଣି । ସାଧାରଣରେ, ହାଟଘାଟ, ବଜାର, ଚା'ଖଟି, ସମ୍ଭ୍ରାନ୍ତ କ୍ଲବ- ସବୁଠିଁ ରାଜନୀତି ବିଷୟରେ ଆଲୋଚନା ହେଲାଣି, ହେବା ବି ଉଚିତ । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଦେଶର ନାଗରିକ ନିର୍ବାଚନକୁ ନେଇ ଆଲୋଚନା କରୁଛନ୍ତି- ଏହା ଗଣତନ୍ତ୍ରର ସ୍ୱାସ୍ଥ୍ୟ ପାଇଁ ଭଲ । ହେଲେ ସେ ଆଲୋଚନାର ଭାଷା କେମିତି ହେବା ଉଚିତ- ସେ ସମ୍ପର୍କରେ ଲେଖକ ଭାଷାବିତ୍ ପ୍ରଫୁଲ୍ଲ ତ୍ରିପାଠୀ ସୁନ୍ଦର ମନ୍ତବ୍ୟ ଦେଇଛନ୍ତି ତାଙ୍କ ସାମାଜିକ ଗଣମାଧ୍ୟମ ମଞ୍ଚରେ: 'ଏଥର ନିର୍ବାଚନ ବିବରଣୀ ଲେଖିବା ପାଇଁ ବା କଥାବାର୍ତ୍ତା ବେଳେ ' ଯୁଦ୍ଧ, ସଂଗ୍ରାମ, ଲଢ଼େଇ, ରଣ, ରଣାଙ୍ଗନ, ମୁକାବିଲା, ସମରସଜ୍ଜା, କସରତ, ଯୁଦ୍ଧ ମଇଦାନ୍ ' ଭଳି ଅବାସ୍ତବ ଶବ୍ଦ ଆଦୌ ବ୍ୟବହାର ନ କଲେ, ପାଠକ ଓ ଶ୍ରୋତାଙ୍କ ମନରେ ଶାନ୍ତି ରହିବ । ନିର୍ବାଚନକୁ ସୁରୁଖୁରୁ ଭାବେ ଚଳାଇହେବ । ସଭିଏଁ ଖୁସି ପାଇବା । ନିର୍ବାଚନ ଏକ ଶୃଙ୍ଖଳିତ ବିଧି-ଚାଳିତ ବଛାବଛି ପ୍ରକ୍ରିୟା । ପ୍ରତ୍ୟେକ ସ୍ତରର ପରିଣାମ ପାଇଁ ଧୈର୍ଯ୍ୟର ସହ ପ୍ରତୀକ୍ଷା କରିବା ଭଳି ନୂଆ ମାନସିକ ଅଭ୍ୟାସ ଆମକୁ ହିଁ କରିବାକୁ ହେବ । ଆଶା, ଆଶଙ୍କା, ଅନୁମାନ, ଗୁଜବ, ଜନରବ ପ୍ରତି ଧ୍ୟାନ ଦେଲେ ବିବରଣୀରେ ସୁତଥ୍ୟତା ଓ ନିର୍ଦ୍ଦିଷ୍ଟତା ରହେନାହିଁ । ଏ କଥା ମନକୁ ପାଇଲେ ପ୍ରୟୋଗ କରିବାକୁ ଅନୁରୋଧ । 'ଜଣେ ବଦଳିଲେ, ଗଣ ବଦଳେ।'

# ସୁଲଭ ଶୌଚାଳୟ









ଶୌଚ କାର୍ଯ୍ୟ ପାଇଁ ଭାରତର ବହୁ ସହରରେ ବସ୍ଷ୍ଟାଣ୍ଡ, ରେଳଷ୍ଟେସନ, ପର୍ଯ୍ୟଟନସ୍ଥଳୀ ପାଖରେ ଦିଶେ ସୁଲଭ ଶୌଚାଳୟ । 'ସୁଲଭ ଶୌଚାଳୟ'ର ପ୍ରତିଷ୍ଠାତା ହେଉଛନ୍ତି ବିନ୍ଦେଶ୍ୱର ପାଠକ । ୧୯୪୩ ମସିହା ଏପ୍ରିଲ ୨ ତାରିଖ ବିହାରର ବୈଶାଳୀ ଜିଲ୍ଲାର ବାଘେଲ ଗ୍ରାମରେ ତାଙ୍କର ଜନ୍ମ । ବଡ଼ ପରିବାର, ବଡ଼ ଘର, କିନ୍ତୁ ଘରେ କୌଣସି ଶୌଚାଳୟ ନ ଥିଲା । ତେଣୁ ଘରର ସମସ୍ତେ ବଡିଭୋରରୁ ଉଠି ଶୌଚ ପାଇଁ ବାହାରକୁ ଯାଉଥିଲେ । ଦିନବେଳେ ଯଦି କାହାର ଶୌଚର ଆବଶ୍ୟକତା ପଡୁଥିଲା ତେବେ ତାହା ଏକ ବଡ଼ ସମସ୍ୟା ହୋଇ ଉଠୁଥିଲା । ଏହି କାରଣରୁ ଅନେକେ, ବିଶେଷ କରି ମହିଳାମାନେ ନାନା ପ୍ରକାର ସମସ୍ୟା ଭୋଗୁଥିଲେ । ରୋଗରେ ମଧ୍ୟ ଆକ୍ରାନ୍ତ ହେଉଥିଲେ । ପିଲାଟି ଦିନରୁ ଏ ସମସ୍ୟା ଦେଖି ବିନ୍ଦେଶ୍ୱର ପାଠକଙ୍କ ମନରେ ଏହାର ସମାଧାନ ଲାଗି କିଛି କରିବା ପାଇଁ ସଂକଳ୍ପ ଜାଗ୍ରତ ହୋଇଥିଲା । ବିନ୍ଦେଶ୍ୱର ପାଠକ ବିହାର ଏବଂ ଉତ୍ତର ପ୍ରଦେଶରେ ଶିକ୍ଷା ଜୀବନ ଶେଷ କରନ୍ତି । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ସମାଜ ବିଜ୍ଞାନରେ ସ୍ନାତକ ଉପାଧି ପାଆନ୍ତି । ତା'ପରେ ପାଟନା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଉପାଧି ପାଆନ୍ତି । ପି.ଏଚ.ଡି. କରନ୍ତି । ଏହି ସମୟରୁ ସମାଜ ସେବାମୂଳକ କାର୍ଯ୍ୟରେ ତାଙ୍କର ରୁଚି ବଢ଼େ । ୧୯୬୮-୬୯ ମସିହାରେ ବିହାରରେ ଗାନ୍ଧୀ ଜନ୍ମ ଶତବାର୍ଷିକୀ କମିଟି ସହିତ ସେ କାମ କରିଥିଲେ । ଏ କମିଟି ତାଙ୍କୁ ଅଳ୍ପ ଖର୍ଚ୍ଚରେ ଟଏଲଟ ପ୍ରଯୁକ୍ତିର ଉନ୍ନୟନରେ କାମ କରିବା ପାଇଁ କହନ୍ତି । ସେ ସମୟରେ ଉଚ୍ଚଶିକ୍ଷିତ ଯୁବକ ଟଏଲଟ୍ ସେକ୍ଟରରେ କାମ କରିବା ଆଦୌ ସାଧାରଣ କଥା ନ ଥିଲା । କିନ୍ତୁ ବିନ୍ଦେଶ୍ୱର ପାଠକ ଥିଲେ ଭିନ୍ନ । ଏହାପୂର୍ବରୁ ସେ ପରିବାର ଓ ସମାଜର ବିରୋଧ ସତ୍ତ୍ୱେ ମାନୁଆଲ ସ୍କାଭେଞ୍ଜିଂ ଏବଂ ଖୋଲା ଜାଗାରେ ମଳତ୍ୟାଗର ସମସ୍ୟା ନେଇ କାମ କରିଥିଲେ । ଗୋଟିଏ କଥା ହିଁ କହୁଥିଲେ ସେ: ମୁଁ ଗାନ୍ଧୀଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ଏ କାମରେ ଲାଗିଛି । ୧୯୭୦ରେ ବିନ୍ଦେଶ୍ୱର ପାଠକ ସୁଲଭ ଇଣ୍ଟରନେସନାଲ ସଂସ୍ଥା ପ୍ରତିଷ୍ଠା କରନ୍ତି । ଏହି ସଂସ୍ଥା ଆନୁକୂଲ୍ୟରେ ସେ ଟୁଇନ୍ ପିଟ୍ ଫ୍ଲସ ଟଏଲଟ ତିଆରି କରନ୍ତି । ଡିସପୋଜେବଲ୍ କମ୍ପୋଷ୍ଟ ଟଏଲଟ୍ ମଧ୍ୟ ସେ ଆବିଷ୍କାର କରନ୍ତି । ଖୁବ୍ କମ୍ ଖର୍ଚ୍ଚରେ ଘର ଆଖପାଖରେ ମିଳୁଥିବା ଉପକରଣରୁ ହିଁ ଏ ଟଏଲଟ୍ ତିଆରି କରାଯାଇପାରେ । ତା'ପରେ ସାରା ଦେଶରେ ସୁଲଭ ଇଣ୍ଟରନେସଲାଲ ସହଜ ଲଭ୍ୟ ଟଏଲଟ୍ ତିଆରି କରିବା ଆରମ୍ଭ କରେ । ବିଭିନ୍ନ ସହରରେ ଯାତ୍ରୀମାନଙ୍କ ପାଇଁ, ଲୋକମାନଙ୍କ ପାଇଁ ସାଧାରଣ ଶୌଚାଳୟର ମଧ୍ୟ ପ୍ରତିଷ୍ଠା କରାଯାଇଥାଏ । ୧୯୯୨ରେ ଦିଲ୍ଲୀରେ ସୁଲଭ ଇଣ୍ଟରନେସନାଲ ପକ୍ଷରୁ 'ଟୟଲେଟ୍ ମ୍ୟୁଜିୟମ' ସ୍ଥାପନ କରାଯାଏ । ୧୯୯୯ ମସିହାରେ ବିନ୍ଦେଶ୍ୱର ପାଠକଙ୍କୁ ଏ କ୍ଷେତ୍ରରେ ଅବଦାନ ପାଇଁ ପଦ୍ମଭୂଷଣ ସମ୍ମାନ ଦିଆଯାଏ । ଭାରତବର୍ଷରେ ସ୍ୱଚ୍ଛତା ଏବଂ ଶୌଚାଳୟକୁ ସଫଳ ରୂପ ଦେବାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ୨୦୨୩ ଅଗଷ୍ଟ ୧୫ରେ ତାଙ୍କର ଦେହାନ୍ତ ହୁଏ ।

# ଦାର୍ଜିଲିଂ



କେଇଦିନ ତଳେ ମୁଁ ଏକ ସାମ୍ବାଦିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ରିସୋର୍ସ ପର୍ସନ ଭାବରେ ଦାର୍ଜିଲିଂ ଯାଇଥିଲି । ପଶ୍ଚିମବଙ୍ଗର ଉତ୍ତରରେ ହିମାଳୟ କୋଳରେ ଅବସ୍ଥିତ ଦାର୍ଜିଲିଂକୁ 'ପାହାଡ଼ର ରାଣୀ' ବୋଲି କୁହାଯାଏ । ସିମଳା, ମୁଶୌରୀ ଭଳି ଆହୁରି କେତେକ ହିଲ୍-ଷ୍ଟେସନକୁ ମଧ୍ୟ 'ପାହାଡ଼ର ରାଣୀ' କୁହାଯାଏ । ଅବଶ୍ୟ ସେଥିରେ କିଛି ସମସ୍ୟା ହେବାକଥା ନୁହେଁ । ଅତୀତରେ ରାଜାମାନଙ୍କର ଅନେକ ରାଣୀ ରହୁଥିଲେ । ଦାର୍ଜିଲିଂର ହାରାହାରି ଉଚ୍ଚତା ହେଲା ୬୭୦୦ ଫୁଟ୍ । ଦାର୍ଜିଲିଂ ସହର ଭିତରେ ସବୁଠୁ ଉଚ୍ଚ ଜାଗା ହେଲା: ଟାଇଗର ହିଲ୍ ତାହା ୮୫୦୦ ଫୁଟ୍ ଉପରେ । ଏଠୁ ସୂର୍ଯ୍ୟୋଦୟ ବେଳେ କାଞ୍ଚନଜଂଘା ଅପରୂପ ସୁନ୍ଦର ଦିଶେ । ଦାର୍ଜିଲିଂ ଶବ୍ଦଟି ଦୁଇଟି ତିବ୍ବତୀ ଶବ୍ଦର ମିଶ୍ରଣରୁ ସୃଷ୍ଟି । ଗୋଟିଏ ହେଲା ଦୋରଜୀ । ତା'ର ଅର୍ଥ ହେଲା ବଜ୍ର (ଘଡ଼ଘଡ଼ି) । ଆଉ ଗୋଟେ ହେଲା ଲିଂ । ତିବ୍ବତୀ ଭାଷାରେ ତା' ଅର୍ଥ ଭୂମି । ଦୁଇଟିକୁ ମିଶାଇ ଦାର୍ଜିଲିଂର ଅର୍ଥ ହେଲା: ବଜ୍ରପାତର ଭୂମି । ଦାର୍ଜିଲିଂର ଇତିହାସକୁ ଦେଖିଲେ, ୧୮୨୮ ପୂର୍ବରୁ ଏହା ସିକିମ ରାଜ୍ୟର ଅଙ୍ଗ ଥିଲା । ତା'ପୂର୍ବରୁ କିଛି କାଳ ନେପାଳର ଅଙ୍ଗ ଥିଲା । ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କ ସହିତ ସିକିମ୍ ରାଜାଙ୍କର ଏକ ଚୁକ୍ତି ହେଲା । ଯେଉଁଥିରେ ଦାର୍ଜିଲିଂ ବ୍ରିଟିଶ ଇଣ୍ଡିଆ ଭିତରକୁ ଆସିଲା । ୧୮୩୫ ସୁଦ୍ଧା ଏହା ସିକିମ୍ଠାରୁ ଅଲଗା ହୋଇ ସାରିଥିଲା । ଆଉ ସେଠି ଇଷ୍ଟ ଇଣ୍ଡିଆର ପୂର୍ବତନ କର୍ମଚାରୀମାନଙ୍କ ପାଇଁ ଗୋଟେ ସାନିଟୋରିୟମ ତିଆରି କରାଯାଇଥିଲା । ୧୮୪୦ରୁ ଦାର୍ଜିଲିଂ ସହର ତିଆରି କରିବାର ଯୋଜନା ଆରମ୍ଭ ହେଲା । ସମତଳଭୂମିରେ ଥିବା ସିଲିଗୁଡ଼ିକୁ ଦାର୍ଜିଲିଂ ସହିତ ଯୋଗ କରିବାପାଇଁ ଗୋଟେ ରାସ୍ତା ତିଆରି ହେଲା । ଏହି ରାସ୍ତାଟିକୁ କୁହାଗଲା ହିଲକାର୍ଟ ରୋଡ୍ ବୋଲି, କାରଣ ଏ ରାସ୍ତାରେ ପ୍ରଥମେ କେବଳ ଗୋଟେ କାର୍ଟ ବା ଠେଲାଗାଡି ହିଁ ଯାଇପାରୁଥିଲା । ୧୯୪୦ ବେଳକୁ ଦାର୍ଜିଲିଂରେ ୩୦ଟି କୋଠାଘର ହେଇସାରିଥିଲା । କିଛି କିଛି ଚା' ବଗିଚା ମଧ୍ୟ ଆରମ୍ଭ ହୋଇ ସାରିଥିଲା । ଏହା ପର କଥା ପରବର୍ତ୍ତୀ ସମୟରେ କେତେବେଳେ କହିବି ।

*(ଫଟୋ: ଅନୀତା ଚାଟାର୍ଜୀ । ଆମେ ରହୁଥିବା ହୋଟେଲ୍ ଝରକାରୁ)*

ସମୟ
ବିଚିତ୍ରା
ରବିବାର, ୭.୪.୨୦୨୪
ପୃଷ୍ଠା:୮-୯



# ସିକୁଏଲ୍ କିଙ୍ଗ

ସିକୁଏଲ୍ କିଙ୍ଗଭାବେ ଭାଇରାଲ ହେଉଛନ୍ତି ଅଜୟ ଦେବଗନ । ଅଜୟଙ୍କର ଏହି ନାଁ ପଛରେ କାରଣ ହେଉଛି ତାଙ୍କ ହାତରେ ଥିବା ସିକୁଏଲ୍ ଫିଲ୍ମର ଲମ୍ବା ତାଲିକା । ଆଗକୁ ଅଜୟଙ୍କୁ ଗୋଟିଏ କିମ୍ବା ଦୁଇଟି ନୁହେଁ ୮ଟି ଫିଲ୍ମର ସିକୁଏଲ୍‌ରେ ଦେଖିବାକୁ ମିଳିବ । ଆଗକୁ ଅଜୟଙ୍କୁ ତାଙ୍କ ଫ୍ୟାନମାନେ ରେଡ୍ ୨, ଦେ ଦେ ପ୍ୟାର୍ ଦେ ୨, ଗୋଲମାଲ ୫, ସିଙ୍ଘମ ଏଗେନ୍, ଧମାଲ ୪, ଦୃଶ୍ୟମ ୩ ଓ ଶୈତାନ ୨ରେ ଦେଖିବାକୁ ପାଇବେ । ଏହି ଖବର ଜଣା ପଡିବା ପରେ ତାଙ୍କ ଫ୍ୟାନମାନେ ତାଙ୍କର ବ୍ୟାକ୍ ଟୁ ବ୍ୟାକ୍ ଫିଲ୍ମ ଦେଖିବାକୁ ପ୍ରସ୍ତୁତ ହେଲେଣି । ନିକଟରେ ଅଜୟଙ୍କର ରିଲିଜ ହୋଇଥିବା ଶୈତାନ ୨୦୦ କୋଟିର ଆୟ କରିଛି । ଏଥିରେ ଅଜୟଙ୍କ ସହିତ ଆର୍ ମାଧବନ ଓ ଜ୍ୟୋତିକା ଲିଡ୍ ରୋଲରେ ନଜର ଆସିଛନ୍ତି ।



# କାନ୍ଦିଥିଲେ ଡିଜେବାଲା

ପାକିସ୍ତାନୀ ଆକ୍ଟ୍ରେସ୍ ମାହିରା ଖାନ ନିକଟରେ ନିଜ ବିବାହକୁ ନେଇ ଏକ ସାକ୍ଷାତକାରରେ ମନଖୋଲି କଥା ହୋଇଛନ୍ତି । ସାଧାରଣତଃ ବିବାହରେ କନ୍ୟା ସହ ତାଙ୍କ ପରିବାରକୁ କାନ୍ଦିବାର ଦେଖିବାକୁ ମିଳିଥାଏ । ହେଲେ ମାହିରାଙ୍କ ବିବାହରେ ଡିଜେ ବଜାଉଥିବା ଲୋକଙ୍କ ଠାରୁ ଆରମ୍ଭ କରି ୱେଟର ସମସ୍ତେ କାନ୍ଦିଥିଲେ । ନିଜେ ମାହିରା ମଧ୍ୟ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଥିବା ପ୍ରକାଶ କରିଛନ୍ତି । ବିବାହରେ ଯିଏ ବି ଉପସ୍ଥିତ ଥିଲେ ସମସ୍ତଙ୍କ ଆଖି ଓଦା ଥିଲା ବୋଲି ମାହିରା ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ୨୦୨୩ରେ ମାହିରା ଦ୍ୱିତୀୟ ବିବାହ କରିଥିଲେ । ଏହି ବିବାହରେ ତାଙ୍କ ପୁଅ ମଧ୍ୟ ତାଙ୍କ ସହିତ ଉପସ୍ଥିତ ଥିଲେ । ମାହିରାଙ୍କୁ ୨୦୧୭ରେ ବଲିଉଡ ଫିଲ୍ମ ରଇସ୍‌ରେ ଦେଖିବାକୁ ମିଳିଥିଲା । ଯାହା ବକ୍ସ ଅଫିସ୍‌ରେ ଭଲ କଲେକସନ୍ କରିଥିଲା ।




# ଲୁଚାଉଛନ୍ତି ଲୁକ୍

ନିକଟରେ ସୋସିଆଲ ମିଡିଆରେ ରଣବୀର ସିଂଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ ଏକ ମାସ୍କ ଲଗାଇ ବୁଲୁଥିବାର ଦେଖିବାକୁ ମିଳୁଛି । ଏୟାରପୋର୍ଟରେ ରଣବୀରଙ୍କର ଏହି ମାସ୍କ ଲଗା ଭିଡିଓ ଦେଖିବା ପରେ ସୋସିଆଲ ମିଡିଆରେ ଫ୍ୟାନମାନେ କମେଣ୍ଟ ଦେବା ଆରମ୍ଭ କରିଛନ୍ତି । ରଣବୀର ଡନ୍ ୩ର ଲୁକ୍ ଲୁଚାଉଥିବା ନେଇ ସେମାନେ ଆକଳନ ଲଗାଇଛନ୍ତି । ବର୍ତ୍ତମାନ ରଣବୀର ଡନ୍ ୩ର ସୁଟିଂରେ ବ୍ୟସ୍ତ ଅଛନ୍ତି, ତେଣୁ ସେ ଏହାର ଲୁକ ଲୁଚାଉଥିବା ନେଇ ଫ୍ୟାନମାନେ ଗେସ୍ କରୁଛନ୍ତି । ରଣବୀରଙ୍କୁ ଏହି ଭିଡିଓରେ ବ୍ଲାକ୍ କଲର ଲଙ୍ଗ ଜାକେଟ୍ ସହିତ ମୁହଁରେ ମାସ୍କ ଲଗାଇ ଯାଉଥିବାର ଦେଖିବାକୁ ମିଳିଛି । କେବଳ ଡନ୍-୩ ନୁହେଁ ଆଗକୁ ରଣବୀର ଶକ୍ତିମାନ ଭାବେ ମଧ୍ୟ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।



# ଓସ୍କାର ପେଜ୍‌ରେ ଦୀପିକା

ଓସ୍କାର ଆୱାର୍ଡ ପକ୍ଷରୁ ତାର ଅଫିସିଆଲ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଦୀପିକା ପାଦୁକୋଣଙ୍କ ଗୀତ 'ଦିୱାନୀ ମସ୍ତାନୀ' ପୋଷ୍ଟ କରାଯାଇଛି । ଯାହା ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଏହି ପୋଷ୍ଟରେ ଦୀପିକାଙ୍କ ଗୀତର ଛୋଟ କ୍ଲିପ୍‌ଟିଏ ସେୟାର କରାଯାଇଛି । କ୍ଲିପ୍‌ରେ ଦୀପିକା, ରଣବୀର ଓ ପ୍ରିୟଙ୍କାଙ୍କ ଭିଡିଓ ଦେଖିବାକୁ ମିଳୁଛି । ଏହି କ୍ଲିପ୍‌କୁ ରଣବୀରଙ୍କ ଠାରୁ ଆରମ୍ଭ କରି ଅନେକ ଫ୍ୟାନ ଲାଇକ୍ ସେୟାର କରିବାରେ ଲାଗିଛନ୍ତି । ରଣବୀର ନିଜ କମେଣ୍ଟ ମାଧ୍ୟମରେ ପତ୍ନୀ ଦୀପିକାଙ୍କର ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି । ୨୦୧୫ରେ ସଞ୍ଜୟ ଲୀଲା ଭଂସାଲିଙ୍କର ବାଜିରାଓ ମସ୍ତାନୀ ଫିଲ୍ମ ଖୁବ ହିଟ୍ ହୋଇଥିଲା । ଏଥିରେ ରଣବୀର ଓ ଦୀପିକାଙ୍କର ଜବରଦସ୍ତ କେମେଷ୍ଟ୍ରୀ ଦେଖିବାକୁ ମିଳିଥିଲା । ଆଜି ମଧ୍ୟ ଫ୍ୟାନମାନେ ଏହି ଫିଲ୍ମ ଦେଖିବାକୁ ଆଗ୍ରହ ପ୍ରକାଶ କରିଥାଆନ୍ତି ।



# ୧୫ ଟଙ୍କାର ଶାଢି !

ବର୍ତ୍ତମାନ ଅଦା ନିଜର ଶାଢି ପାଇଁ ବେଶ୍ ଭାଇରାଲ ହେଉଥିବାର ଦେଖିବାକୁ ମିଳିଛି । ନିକଟରେ ଗଣମାଧ୍ୟମ ପ୍ରତିନିଧିମାନେ ଅଦାଙ୍କୁ ଏକ ଖୁବ ଭଲ ସୁନ୍ଦର ସମର ପ୍ରିଣ୍ଟ ଥିବା ଶାଢିରେ ଦେଖିବାକୁ ପାଇଥିଲେ । ତେବେ ଯେତେବେଳେ ଏହି ଶାଢିର ଦାମ ଅଦା କହିଥିଲେ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଅଦାଙ୍କର ଏହି ଶାଢିର ଦାମ ମାତ୍ର ୧୫ ଟଙ୍କା । ସୂଚନା ଅନୁସାରେ ସେହି ଶାଢିଟି ଅଦାଙ୍କ ଆଈଙ୍କର, ଯାହାର ଦାମ ସେତେବେଳେ ୧୫ ଟଙ୍କା ଥିଲା । ତେବେ ଶାଢିଟି ଖୁବ ସୁନ୍ଦର ସେଥିପାଇଁ ଅଦା ଏବେ ମଧ୍ୟ ଏହାକୁ ପାଖରେ ରଖି ପିନ୍ଧିଥାଆନ୍ତି । ସେହିଭଳି ଶାଢିଟି ସହିତ ତାଙ୍କର ଅନେକ ଇମୋସନାଲ କନେକସନ୍ ରହିଛି, ଯେଉଁ କାରଣରୁ ଶାଢିଟିର ମୂଲ୍ୟ ତାଙ୍କ ପାଇଁ ଲକ୍ଷାଧିକ ବୋଲି ଅଦା ମତ ଦେଇଛନ୍ତି ।





## ଲିପୁ ଗଲା ଗାଆଁ ହାଟକୁ

ରବିବାର ଛୁଟି ବୋଲି ଜେଜେ ସାଥେ
ଲିପୁ ଗଲା ଗାଆଁ ହାଟକୁ
ଗାଡ଼ି ମଟରକୁ ଦେଖି ବାମ ପାଖେ
ଚଲୁଥିଲା ଧୀରେ ବାଟକୁ ।।
ଏଣ୍ଡର ବାସନ୍ତୀ ପୋଖରୀ ହୁଡ଼ାରେ
ହପ୍ତାରେ ସେ ହାଟ ଦି'ଥର
କୃଷକ-ବଣିକ-ଖାଉଟିର କିଣା
ବିକା ଲକ୍ଷ୍ୟ ଏକମାତର ।।
କିଏ ଖୋଲା ପିଣ୍ଡି କିଏ ଚାଳିତଳେ
କିଏ ଡାକେ ଗଳାଫଟାଇ
ହାଟ ଶେଷ କରି ରାତି ଦି'ଘଡ଼ିକୁ
ବାହୁଡ଼ନ୍ତି ଧନ ଜୁଟାଇ ।।
ଧାଡ଼ି ଧାଡ଼ି ଅଟା ଚାଉଳ ମାଣ୍ଡିଆ
ମସଲା ପରିବା ତଟକା
ଲୁହା, କାଠ, ମନୋହରି, ବହି ଖାତା
ଜାମା ଲୁଗା ଜୋତା ମଟକା ।।
ମନଲୋଭା ଟକମକ ଖିଆ ପୁଣି
ବାଉଁଶ ମାଟିର ପସରା
ଛତା ପଖିଆ ବି ମିଳୁଥିଲା ତହିଁ
ହେଉ ଖରା ଅବା ଅସରା ।।
ଚଣା ମୁଆଁ ଲଡୁ ବାଦାମ ଆରିଷା
ସରଞ୍ଜାମ ମିଠା ପାନକୁ
ବ୍ୟାଗ ଧରି ଲିପୁ କିଣିବାକୁ କହେ
ପକାଇ ତାହାର ମନକୁ ।।
କିଣାକିଣି ଖିଆ ପିଆ ଶେଷ କରି
ମନଖୋଲି ଲିପୁ ପଚାରେ
ଏଇପରି ହାଟ ଲାଗେ କିବା ସତେ
ଆମରି ସହର ବଜାରେ ।।
ଗାଆଁ ପରିବେଶ ଭାଇଚାରା ଜେଜେ
କହିଲେ କୋଉଠି ମିଳେନା
ଶୁଦ୍ଧ ଜଳ, ବାୟୁ, ଆହାର, ଔଷଧ
ନୁହଁଇ ଏଇଠି ଛଳନା ।।

**ମହେନ୍ଦ୍ର କୁମାର ଘଡ଼େଇ**
କଟରପଡ଼ା, ନିଶ୍ଚିନ୍ତକୋଇଲି, କଟକ
ମୋ: ୯୪୩୭୭୪୦୫୬୬

## ଚଇତ୍ର ସହିତ ମଇତ୍ର ବସିବି

ଚଇତ୍ର ସହିତ ମଇତ୍ର ବସିବି
ସରିଲା ଫଗୁଣ ମାସ
ଦକ୍ଷିଣ ଦିଗରୁ ଚଇତାଳି ବହେ
ଛୁଟେ ମଲ୍ଲୀଫୁଲ ବାସ ।।
ଚଇତରେ ଆମ୍ବ ଟାକୁଆ ହୋଇବ
ଖୋପଡ଼ ମାରିବେ ପିଲେ
ଚଇତରେ ଖରାଦିନ ଧାନ ଚାଷ
ଚାଷୀ ଖଟିଥାଏ ବିଲେ ।।
ଚଇତରେ ନିମ୍ବ ଚକୁଳି ଖାଇଲେ
ସ୍ୱାସ୍ଥ୍ୟ ରହିଥାଏ ଭଲ
ଚଇତେ ଅବଶ୍ୟ ଖରା ଟାଣ ହୁଏ
କରେନାହିଁ କଲବଲ ।।
ଚଇତରେ ପଡ଼େ ହିନ୍ଦୁ ନବବର୍ଷ
ବାସନ୍ତୀକ ଦୁର୍ଗା ପୂଜା
ନବରାତ୍ର ତିଥି ପାଳନ ହୁଅଇ
ବିରାଜିତ ଦଶଭୁଜା ।।
ଚଇତେ ପଡ଼ଇ ଅଶୋକାଷ୍ଟମୀ ଯେ
ରୁକୁଣା ରଥଟି ଗଡ଼େ
ଚଇତ ମାସରେ ଶ୍ରୀରାମ ନବମୀ
ରାମାୟଣ ମନେପଡ଼େ ।।
ଚଇତେ ପଡ଼ଇ ତରଭୁଜ ଫଳ
ଖାଇବାକୁ ଲାଗେ ମଜା
ଭାରି ଖୁସିଲାଗେ ତରଭୁଜ ଯେବେ
ଖାଉଥାନ୍ତି ଆମ ଅଜା ।।
ଚଇତ ମାସରେ ଦଣ୍ଡନାଚ ହୁଏ
ହିଙ୍ଗୁଳା ଯାତରା ପୁଣି
ଘଣ୍ଟପାଟୁଆ ଯେ ନାଚନ୍ତି ଭକ୍ତିରେ
ମଙ୍ଗଳା ସ୍ତୁତିକୁ ଶୁଣି ।।
ଚଇତେ ପାଳନ୍ତି କଇବର୍ତ୍ତମାନେ
ଚଇତି ପୁନେଇଁ ପର୍ବ
ବାସୁଳି ପୂଜିକି ଘୋଡ଼ାନାଚ କରି
ମଣନ୍ତି ନିଜକୁ ଗର୍ବ ।।
ଚଇତ୍ର ମଇତ୍ର ହୋଇଗଲା ପରେ
ମନରେ ଭରିବ ଶାନ୍ତି
ଚଇତ୍ର ପରିକା ମଇତ୍ର ମିଳିଲେ
ଦୂର ହୋଇଯିବ କ୍ଳାନ୍ତି ।।

**ନିରଞ୍ଜନ ସାହୁ**
ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ
ମୋ: ୯୯୩୮୭୪୧୫୮୩

## ଉତ୍କଳ ଗୌରବ ଗାଥା

ଆମେ ଓଡ଼ିଆ ଭାଷା ବଢ଼ିଆ
ଓଡ଼ିଶା ଆମ ରାଜ୍ୟ
କଳାଠାକୁର ନେତା ଆମର
ସାରା ଜଗତେ ପୂଜ୍ୟ ।।
ଭାଷାଭିତ୍ତିକ ରାଜ୍ୟ ଭାବରେ
ଓଡ଼ିଶା ଗଢ଼ା ହେଲା
ଛତିଶି ସାଲ ଅପ୍ରେଲ ଏକ
ନ ଭୁଲ କେହି ପିଲା ।।
ଗୋପବନ୍ଧୁ ଓ ମଧୁସୂଦନ
କୃଷ୍ଣଚନ୍ଦ୍ର ଗଜପତି
ଶ୍ରୀନୀଳକଣ୍ଠ ଆଉ ଫକୀର-
ମୋହନ ସେନାପତି ।।
ରାଧାନାଥ ଓ ଗଙ୍ଗାଧରଙ୍କ
ଗଉରବ ଗାଥା ଗାଇ
ସେଇ ଦିନର ସ୍ମୃତି ପାଳିବା
ଆସ ଭଉଣୀ ଭାଇ ।।

**ଜଗଦୀଶ ସାହୁ**
ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

## ପୀୟୂଷର ପାଠପଢ଼ା


ପୀୟୂଷକୁ ହେଲା ତିନି ବରଷ
ସଦାବେଳେ ତା'ର ମନ ହରଷ ।
ମାଆ କହନ୍ତି ସେ ଭାରି ଚଗଲା
ଖେଳା ଖେଳିରେ ସେ ଲାଗି ରହିଲା ।
ପାଠପଢ଼ା କଥା ଯେବେ ପଡ଼ଇ
ଜାଣି ଶୁଣି କରି କାହିଁ ଲୁଚଇ ।
ନୂଆ ବହି ପଡ଼ିଲେ ତା' ହାତରେ
ଲାଗିପଡ଼େ ସିଏ ଚିରା ଚିରିରେ ।
ହାତରେ ଦେଲେ ତା ଖଡ଼ି ସିଲଟ
ଭାଙ୍ଗିବାକୁ ତାକୁ ହୁଏ ଅଝଟ ।
ପାଠ ଲେଖା କଥା ଯାଏ ପାଶୋରି
ଚାରିଆଡେ ଗାରାଏ କି ଉଚ୍ଛାରି ।
ଏମନ୍ତ ରୀତି ଦେଖିଣ ତାହାର
ରାଗି ମା' ଦିଅନ୍ତି ମୃଦୁ ପାହାର ।
ଜେଜେ ମା'ଙ୍କୁ ଡାକି ଦେଲେ ବୁଝାଇ
ବକଟେ ପିଲା ସେ କ'ଣ ଜାଣଇ ।
ଏବେଠୁ ଚାପ ପଡିଲେ ପାଠର
ମୁଣ୍ଡେ ବସା ବାନ୍ଧିବ ତା ଭୟର ।
ଯାହା ସେ ଲେଖୁଛି ଖୁସି ମନରେ
ବାଧା କେବେ ଦିଏ ନାହିଁ ସେଥିରେ ।
ଏପରି କଲେ ସୁନ୍ଦର ଅକ୍ଷର
ହେବ ନିଶ୍ଚେ ମାନ କଥା ମୋହର ।
ପାଠ ପଢା ସଙ୍ଗେ ଲେଖା ସୁନ୍ଦର
ଅଭ୍ୟାସ କଲେ ହୋଇବ ତାହାର ।
ଖେଳି ଖେଳି ପାଠେ ମନ ଲଗାଇ
ପଢ଼ିବ ସିଏ ଏ ସତ ଅଟଇ ।

**ସୁଧାକର ରାଉତ**
ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

## ॥ ହସିବ ଧରା ମାଆ ॥

ମନକୁ ଆମ ରଖିବା ସଫା
କହିବା ସତ କଥା
ଭଲ କାମରେ ରଖିବା ଶ୍ରଦ୍ଧା
ଦୂରେଇ ମନ୍ଦ ଚିନ୍ତା ।।
ନିଜ ଦେହର ଯତନ ନେବା
ନ ଥିବ ରୋଗ ଭୟ
ଶରୀର ଯେବେ ସୁସ୍ଥ ରହିବ
ପାଠେ ରହିବ ଲୟ ।।
ନିଜ ଘରକୁ ସଫା ରଖିବା
ଭାବି ନିଜର କାମ
ରୋଗ ଜୀବାଣୁ ଦୂରେଇ ଯିବେ
ସୁଖେ କଟିବ ଦିନ ।।
ଗଛଲତାଙ୍କ ଯତନ ନେବା
ଦେବେ ସେ ଫୁଲ ଫଳ
ଖାଇବା ତାକୁ ହରଷ ମନେ
ବଢ଼ିବ ଦେହେ ବଳ ।।
ଆସରେ ମିତ ହୋଇ ଏକତ୍ର
ଲଗେଇ ଦେବା ଗଛ
ଗଛ ଓ ଲତା ରଖିବେ ଆମ
ପରିବେଶକୁ ସ୍ୱଚ୍ଛ ।।
ଗଛ ବଢ଼ିଲେ ଶୀତଳ ବାଆ
ବହିବ ଧରା କୋଳେ
ବାଦଲ ଆସି ବରଷି ଦେବ
ପାଣି ବରଷା କାଳେ ।।
ପାଣି ପରଶେ ବିଲ ବାଡିରେ
ଫସଲ ହେବ ଠିଆ
ତାପ କମିବ ଶୀତ ବଢ଼ିବ
ହସିବ ଧରା ମାଆ ।।

**ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬



# କୋରିଅର ସ୍କାମ




ସୌଜନ୍ୟ: AkanchaAgainstHarassment.com

**ଆଜିର ଅନ୍‌ଲାଇନ୍ ଦୁନିଆରେ ଡିଜିଟାଲ ଫ୍ରଡ୍ ଏକ ପରିଚିତ ଶବ୍ଦ ହୋଇଗଲାଣି । ଆମେ ଯେତେ ଇ-କମର୍ସ ଫ୍ରେଣ୍ଡ୍‌ଲି ହେଉଛେ 'ଇ-ସ୍କାମ୍' ସେତେ ବଢ଼ିଚାଲିଛି । ଅନ୍‌ଲାଇନ୍ ସପିଂ ଓ ଘରେ ବସି ଜିନିଷ ପାଇବା ଜମାନାରେ ଦ୍ୱାର ଖୋଲିବା ମାତ୍ରେ ପ୍ୟାକେଟ ମିଳିଯିବା ଆମ ଜୀବନର ଅଙ୍ଗ ପାଲଟିଯାଇଛି । ହେଲେ ଏହି ପ୍ରକ୍ରିୟାରେ ସହଜରେ ଧୋକା ଖାଇଯିବାର ଭୟ ମଧ୍ୟ ବଢ଼ିଯାଇଛି । ଏବେ ଏବେ ଉଭା ହୋଇଥିବା ଏକ ଭୟର ନାଁ ହେଉଛି 'କ୍ୟାସ୍ ଅନ୍ ଡେଲିଭରୀ' ବା ଅନିଚ୍ଛୁକ କୋରିଅର ସ୍କାମ ।**

ଏବେ ଅନେକ ଲୋକ ଡିଜିଟାଲ ଫ୍ରଡ୍‌ର ଏକ ଟ୍ରେଣ୍ଡର ଶିକାର ହେଉଛନ୍ତି । ଟାର୍ଗେଟ୍ ପାଖକୁ ବିନା ଅର୍ଡରରେ 'କ୍ୟାସ୍ ଅନ୍ ଡେଲିଭରି'ରେ ପାର୍ସଲ ଆସୁଛି । ଟାର୍ଗେଟ୍ ଏହାକୁ ଗ୍ରହଣ ନ କଲେ ସେମାନଙ୍କୁ କ୍ୟାନ୍‌ସେଲ୍ ପାଇଁ କୁହାଯାଉଛି । ଏଥିଲାଗି ପାର୍ସଲ ଆଣିଥିବା ଏଜେଣ୍ଟ କମ୍ପାନୀର ଏକ ନମ୍ବର ଦେଉଛନ୍ତି । ଏହି ନମ୍ବରକୁ କଲ୍ କଲେ ଏକ କ୍ୟାନ୍ସେଲେସନ ଓଟିପି ଆସୁଛି । ଏହି ଓଟିପି କମ୍ପାନୀକୁ ଦେବାମାତ୍ରେ ପାର୍ସଲ କ୍ୟାନ୍ସେଲ୍ ହୋଇଯାଉଛି ସତ, ତା'ସହିତ ଟାର୍ଗେଟ୍‌ଙ୍କ ଆକାଉଣ୍ଟ ଖାଲି ହୋଇଯାଉଛି ।

ଡେଲିଭରୀ ସ୍କାମ୍‌କୁ ରୂପ ଦେଉଥିବା ଏଜେଣ୍ଟମାନେ ପ୍ରଥମେ ଆମାଜନ ଓ ଫ୍ଲିପ୍‌କାର୍ଟ ଭଳି ଇ-କମର୍ସ କମ୍ପାନୀର ଡେଲିଭରିବୟଙ୍କ ସହିତ ବନ୍ଧୁତା କରୁଛନ୍ତି । ସେମାନଙ୍କ ଦ୍ୱାରା ଅତ୍ୟଧିକ ଅନ୍‌ଲାଇନ୍ ସପିଂ କରୁଥିବା ବ୍ୟକ୍ତିଙ୍କ ଆଡ୍ରେସ୍ ପାଇଯାଉଛନ୍ତି । ଏହାପରେ ଏହି ଫେକ୍ ଏଜେଣ୍ଟମାନେ ବିନା ଅର୍ଡରରେ ପାର୍ସଲ ପ୍ୟାକେଟ ଧରି ଉକ୍ତ ବ୍ୟକ୍ତିଙ୍କ ଘର ଦ୍ୱାରାରେ ପହଞ୍ଚି ଆପଣଙ୍କ କ୍ୟାସ୍ ଅନ୍ ଡେଲିଭରୀ ପାର୍ସଲ ଆସିଛି ବୋଲି ଫୋନ୍ କରୁଛନ୍ତି । ବ୍ୟକ୍ତିଜଣକ କିଛି ଅର୍ଡର କରିନଥିବାରୁ ଆଶ୍ଚର୍ଯ୍ୟ ହୋଇ ପାର୍ସଲ କ୍ୟାନ୍ସେଲ୍ କରିବାକୁ କହିବା ମାତ୍ରେ ଡେଲିଭରିବୟ ପାର୍ସଲ ଉପର ର୍‌ୟାପର୍‌ରେ ଲେଖାଥିବା କଷ୍ଟମରକେୟାର ନମ୍ବରକୁ ଫୋନ୍ ଲଗାଉଛନ୍ତି । କଷ୍ଟମରକେୟାର ସଦସ୍ୟ ବ୍ୟକ୍ତିଙ୍କ ସହ କଥା ହୋଇ କ୍ୟାନ୍ସେଲେସନ ପାଇଁ ଆପଣଙ୍କ ଫୋନ୍ ନମ୍ବରକୁ ଏକ ଓଟିପି ଯିବ ବୋଲି କହୁଛନ୍ତି । କଥାପ୍ରସଙ୍ଗରେ ବ୍ୟକ୍ତି ଜଣକ ଓଟିପି ନମ୍ବର କହିଦେବା ମାତ୍ରେ ଡେଲିଭରିବୟ ଆଖିପିଛୁଳାକେ ସେଠାରୁ ଫେରାର ହୋଇଯାଉଛନ୍ତି । ବାସ୍ ଏହାର କିଛିକ୍ଷଣ ପରେ ଫୋନ୍‌କୁ ବ୍ୟାଙ୍କ୍‌ର ସବୁତକ ଜମାରାଶି କେଉଁଠିକୁ ଟ୍ରାନ୍ସଫର୍ ହୋଇଯିବାର ନୋଟିଫିକେସନ ଆସିଯାଉଛି । ବ୍ୟକ୍ତିଜଣକ ସାଇବର ଠକାମୀର ଶିକାର ହୋଇସାରିଥିବା ଜାଣିବା ବେଳକୁ ପୂରା ଆକାଉଣ୍ଟ ଶୂନ୍ୟ ହୋଇଯାଉଛି ।

## ଓଟିପି ସ୍କାମ

ନକଲି ଡେଲିଭରିବୟ ଅସଲି କମ୍ପାନୀର ର୍‌ୟାପର ଲଗା ପାର୍ସଲ ଧରି କୌଣସି ବ୍ୟକ୍ତିଙ୍କ ଘରେ ପହଞ୍ଚିଯାଇ ଏହା କ୍ୟାସ୍ ଅନ୍ ଡେଲିଭରୀ ଅର୍ଡର ବୋଲି କୁହନ୍ତି । ବ୍ୟକ୍ତିଜଣକ ଏହା ରିସିଭ ନ କଲେ କ୍ୟାନ୍ସେଲ୍ ପାଇଁ ଏକ କୋଡ୍ ନଂ (ଓଟିପି) ଆପଣଙ୍କ ଫୋନ୍‌କୁ ଯିବବୋଲି କୁହନ୍ତି । ଓଟିପି ଦେଇଦେବା ମାତ୍ରେ ଏହା ମାଧ୍ୟମରେ ଠକମାନେ ଆପଣଙ୍କ ଫୋନ୍‌କୁ ହ୍ୟାକ୍ କରିନିଅନ୍ତି ଓ ଚାହୁଁ ଚାହୁଁ ଉକ୍ତ ଫୋନ୍ ନମ୍ବର ସହିତ ଜଡ଼ିତ ବ୍ୟାଙ୍କ୍ ଆକାଉଣ୍ଟରୁ ଟଙ୍କା ଗାଏବ୍ କରିଦିଅନ୍ତି ।

## ୪୦୧ ସ୍କାମ୍

ଏହି ଉପାୟପରେ ଠକମାନେ କୌଣସି ବ୍ୟକ୍ତିଙ୍କୁ ଫୋନ୍ କରି ଆପଣଙ୍କ କୋରିଅର ପ୍ୟାକେଟ ଦେବାକୁ ଠିକଣା ପାଉନାହୁଁ ବୋଲି କୁହନ୍ତି । ସେଥିପାଇଁ ଏହି ଠକମାନେ ବ୍ୟକ୍ତିଜଣଙ୍କୁ ଡେଲିଭରିବୟଙ୍କର ବୋଲି କହି ଏକ ଫୋନ୍ ନମ୍ବର ଦିଅନ୍ତି । ନମ୍ବର ପୂର୍ବରୁ ୧୦୪ ଲଗାଇବାକୁ ଅନୁରୋଧ କରନ୍ତି । ୧୦୪ କ'ଣ ବୋଲି ପ୍ରଶ୍ନକଲେ ଏହା କମ୍ପାନୀର ଏକ୍ସଟେନ୍‌ସନ କୋଡ୍ ଓ ଏହାକୁ ଡାଏଲ୍ କଲେ ପ୍ୟାକେଟ୍ ଫେରିଯିବ ନାହିଁ ବୋଲି କହିଥାନ୍ତି । କୋଡ୍ ଡାଏଲ କରିବାମାତ୍ରେ ବ୍ୟକ୍ତିଙ୍କ ଫୋନ୍ କଣ୍ଟ୍ରୋଲ ଓ ବ୍ୟାଙ୍କ ଆକାଉଣ୍ଟ ଡିଟେଲ୍ସ ଠକଙ୍କ ହାତକୁ ଚାଲିଯାଏ ।

## ଫିସିଙ୍ଗ ମେସେଜ୍

ଠକମାନେ ବିଭିନ୍ନ ଫୋନ୍ ନମ୍ବରକୁ ଫେକ୍ ମେସେଜ୍ ଓ ଇମେଲ୍ ପଠାଇଥାନ୍ତି । ଏହି ମେସେଜ୍ ଜଣାଶୁଣା ଡେଲିଭରୀ ସର୍ଭିସ୍ ଓ କୋରିଅର କମ୍ପାନୀ ନାମରେ ହିଁ ଆସିଥାଏ । ମେସେଜ୍‌ରେ ଲେଖାଯାଇଥାଏ ଆପଣଙ୍କ ପାର୍ସଲ ଆସୁଛି କିମ୍ବା ଏହି ଲିଙ୍କ୍‌କୁ କ୍ଲିକ୍ କଲେ ପାର୍ସଲ ଡେଲିଭରୀ କନ୍‌ଫର୍ମ ହୋଇଯିବ । ଲିଙ୍କ୍‌କୁ କ୍ଲିକ୍ କରିବା ମାତ୍ରେ ଏକ ନକଲି ୱେବ୍‌ସାଇଟ୍ ଶୋ' କରିଥାଏ । ଏହାକୁ ଅପରେଟ କରିବା ମାତ୍ରେ ଫୋନ୍‌କୁ ଭାଇରସ ଆସିଯାଏ ଓ ହ୍ୟାକରମାନେ ଫୋନ୍‌ରୁ ସିକ୍ରେଟ୍ ଡାଟା ଚୋରି କରିନେଇଥାନ୍ତି ।

## ଫେକ୍ ଟ୍ରାକିଂ

ଏହି ପ୍ରକ୍ରିୟାରେ ହ୍ୟାକରମାନେ କୌଣସି ବ୍ୟକ୍ତିଙ୍କ ଫୋନ୍‌କୁ ଏକ ପାର୍ସଲ ଟ୍ରାକିଂ ନମ୍ବର ପଠାଇଥାଆନ୍ତି । ଏହା କୌଣସି ପ୍ରତିଷ୍ଠିତ ଡେଲିଭରୀ କମ୍ପାନୀର କୋଡ୍‌ଭଳି ମନେହୋଇଥାଏ । ପାର୍ସଲ ଷ୍ଟାଟସ୍ ଟ୍ରାକିଂ ନାମରେ ହ୍ୟାକରମାନେ ଏହି ନମ୍ବରକୁ କୌଣସି ୱେବ୍‌ସାଇଡ୍‌ରେ ପକାଇବାକୁ କହିଥାନ୍ତି । ନମ୍ବର ଏଣ୍ଟ୍ରି କରିବାମାତ୍ରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ଓ ଠିକଣା ମିଳିଯିବା ସହ ଫୋନ୍‌ରେ ଭାଇରସ ପସିଯାଇଥାଏ ।

## ସତର୍କତା

କୌଣସି ଡିଜିଟାଲ୍ ଫ୍ରଡ୍‌କୁ ରୋକିବାର ସରଳ ଉପାୟ ହେଉଛି ସଚେତତନା । ସଜାଗ ଓ ସତର୍କ ରହିପାରିଲେ ଡିଜିଟାଲ ଲାଇଫ୍ ବି ସୁଖମୟ ହୋଇପାରେ । ଏଥିପାଇଁ ଭାବିଚିନ୍ତି ପଦକ୍ଷେପ ନେବା ଜରୁରୀ । ଏଥିଲାଗି କୌଣସି ଅବାଞ୍ଛିତ ପ୍ୟାକେଜ୍ ଗ୍ରହଣ କରନ୍ତୁ ନାହିଁ କିମ୍ବା ପରିଚୟ ସ୍ପଷ୍ଟ ନ ହେବା ପର୍ଯ୍ୟନ୍ତ ଡେଲିଭରିବୟ ସହିତ ଓଟିପି ସେୟାର କରନ୍ତୁ ନାହିଁ । ପାର୍ସଲର ପେମେଣ୍ଟ ଦେବା ପୂର୍ବରୁ ଏହାକୁ ଖୋଲି ଦେଖିନିଅନ୍ତୁ । ବ୍ୟକ୍ତିଗତ ସୂଚନା ମାଗୁଥିବା କୌଣସି ଲିଙ୍କ୍ କିମ୍ବା ୱେବ୍‌ସାଇଟ୍ ଉପରେ ଭରସା କରନ୍ତୁ ନାହିଁ । ପାର୍ସଲର ପେମେଣ୍ଟ ସର୍ବଦା ଭେରିଫାଏଡ୍ ଡିଜିଟାଲ ପେମେଣ୍ଟ ପ୍ଲାଟ୍‌ଫର୍ମରୁ କରନ୍ତୁ । ପାର୍ସଲ ଗ୍ରହଣ କରିବା ପୂର୍ବରୁ ଅର୍ଡର ହିଷ୍ଟ୍ରି ଚେକ୍ କରିବାକୁ ଭୁଲନ୍ତୁ ନାହିଁ । ଏସବୁ ସତ୍ତ୍ୱେ ଯଦି ଆପଣ କୌଣସି ସ୍କାମ୍‌ର ଶିକାର ହୁଅନ୍ତି ତେବେ ହେଲ୍ପଲାଇନ୍ ନମ୍ବର ୧୯୩୦ ଡାଏଲ୍ କରନ୍ତୁ କିମ୍ବା ତୁରନ୍ତ ସାଇବର୍ କ୍ରାଇମ୍ ସେଲ୍‌ରେ ଅଭିଯୋଗ କରନ୍ତୁ । ଏଥିପାଇଁ ସାଇବର୍‌ସେଲ୍ ସାଇଡ୍ www.cybercrime.gov.inରେ ଅନ୍‌ଲାଇନ୍ ଅଭିଯୋଗ କରିପାରିବେ ।

# ଖରାଦିନିଆ ସ୍ୱାସ୍ଥ୍ୟ



**ଖରାଦିନେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ । ଯେଉଁଗୁଡିକ ବିଷୟରେ ଆମକୁ ସଚେତନ ରହିବାର ଆବଶ୍ୟକତା ରହିଛି , ଯାହା ଫଳରେ ଏହି ସମସ୍ୟାଠାରୁ ଦୂରରେ ରହିହେବ । ଏଗୁଡିକର କାରଣ ଓ ଲକ୍ଷଣ ବିଷୟରେ ଜାଣିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।**

## ହିଟ୍ ଷ୍ଟ୍ରୋକ୍

ଖରାଦିନ ଆସିଲେ ଅନେକ ହିଟ୍ ଷ୍ଟ୍ରୋକ୍ ଘଟଣା ଦେଖିବାକୁ ମିଳିଥାଏ । ଗ୍ରୀଷ୍ମ ଋତୁର ଏହା ହେଉଛି ସବୁଠାରୁ କମନ୍ ହେଲ୍‌ଥ ଡିଜିଜ୍ । ହିଟ୍ ଷ୍ଟ୍ରୋକ୍ କାରଣରୁ ଅନେକ ଲୋକ ଗୁରୁତର ଭାବେ ଅସୁସ୍ଥ ମଧ୍ୟ ହୋଇ ଥାଆନ୍ତି । ତେଣୁ ସବୁବେଳେ ବାହାରକୁ ଯିବା ଆଗରୁ ସାଙ୍ଗରେ ପାଣି, ଛତା, ଗାମୁଛା, କଳା ଚଷମା ନେଇ ଯାଆନ୍ତୁ । ଯଦି ଅସୁସ୍ଥ ଅଛନ୍ତି ତେବେ ଖରାରେ ବାହାରକୁ ଯାଆନ୍ତୁ ନାହିଁ । ଓଆର୍‌ଏସ୍ କିମ୍ବା ପଇଡ ପାଣି ପିଅନ୍ତୁ । ଯଦି ଟାଣ ଖରାରେ ବାହାରକୁ ଯାଉଛନ୍ତି ତେବେ ଛାଇସ୍ଥାନ ଦେଖି ବିଶ୍ରାମ ନିଅନ୍ତୁ ।

## ଡିହାଇଡ୍ରେସନ୍

ଡିହାଇଡ୍ରେସନ୍‌ର ଅର୍ଥ ଶରୀରରେ ଜଳର ଅଭାବ । ଏହା ହେବା ଫଳରେ ଆମ ମେଟାବଲିଜିମ୍ ପ୍ରୋସେସ୍ ଉପରେ ପ୍ରଭାବ ପଡିଥାଏ । ଯେତେବେଳେ ଆମେ କମ ପାଣି ପିଇଥାଉ ସେତେବେଳେ ଏହି ସମସ୍ୟା ଦେଖିବାକୁ ମିଳିଥାଏ । ସାଧାରଣତଃ ଖରାଦିନେ ଆମର ଝାଳ ଅଧିକ ମାତ୍ରାରେ ବାହାରିଥାଏ, ଯାହାଫଳରେ ଶରୀରରେ ପାଣିର ଅଭାବ ଦେଖିବାକୁ ମିଳିଥାଏ । ସେହି ସମୟରେ ଯଦି ଶରୀର ପର୍ଯ୍ୟାପ୍ତ ପରିମାଣରେ ଜଳ ନପାଇଥାଏ, ତେବେ ଡିହାଇଡ୍ରେସନ୍ ହେବାର ଭୟ ରହିଥାଏ ।

## ମାଇଗ୍ରେନ୍

ମାଇଗ୍ରେନ୍ ହେଉଛି ମୁଣ୍ଡ ବିନ୍ଧାର ଏକ ପ୍ରକାର ଯାହା ବିଶେଷଭାବେ ଖରାଦିନେ ଦେଖିବାକୁ ମିଳିଥାଏ । ମାଇଗ୍ରେନ୍ କାରଣରୁ ମୁଣ୍ଡ, ବେକ ଆଦିରେ ଯନ୍ତ୍ରଣା ଦେଖିବାକୁ ମିଳିଥାଏ । ଖରାଦିନେ ତାପମାତ୍ରା ଖୁବ ଅଧିକ ରହିଥାଏ, ଯେଉଁକାରଣରୁ ମୁଣ୍ଡ ବିନ୍ଧା ଆରମ୍ଭ ହୋଇଥାଏ । ତେଣୁ ଏହି ଦିନେ ଯଥା ସମ୍ଭବ ଚେଷ୍ଟା କରନ୍ତୁ ଅଧିକ ପାଣି ପିଇବା ପାଇଁ । ଯାହାଦ୍ୱାରା ମୁଣ୍ଡବିନ୍ଧାକୁ ଦୂରେଇ ହେବ, ଏଥିନିମନ୍ତେ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇ ପାରିବେ ।

## ସନ୍‌ବର୍ଣ୍ଣ

ଖରା ପଡିବା ଦ୍ୱାରା ତ୍ୱଚାରେ ସନ୍‌ବର୍ଣ୍ଣ ବା କଳା ଦାଗ ପଡିଥାଏ । ଏହା କେତେକଙ୍କ ମୁହଁରେ ଅଧିକ ହେବାର ଦେଖିବାକୁ ମିଳିଥାଏ । କେତେଜଣଙ୍କର ସ୍କିନ୍ ଇରିଟେସନ୍ ଓ ର୍‍ୟାସ୍ ହେବାର ମଧ୍ୟ ଦେଖିବାକୁ ମିଳିଥାଏ । ସୂର୍ଯ୍ୟଙ୍କର ପ୍ରଖର କିରଣ ସିଧା ସଳଖ ଆମ ସ୍କିନ୍‌ରେ ପଡିଲେ ଚର୍ମ ଏହାକୁ ସହି ପାରିନଥାଏ, ତେଣୁ ଏଭଳି ସମସ୍ୟା ହୋଇଥାଏ । ତେଣୁ ଏହାକୁ ଦୂରେଇବା ପାଇଁ ଯେତେବେଳେ ବାହାରକୁ ଯାଉଛନ୍ତି ମୁହଁ ଓ ହାତ ଗୋଡ ଘୋଡାଇ ହୋଇ ଯାଆନ୍ତୁ । ଛତା ବ୍ୟବହାର କରନ୍ତୁ । ଯଦି ଅଧିକ ସମସ୍ୟା ହେଉଛି ତେବେ ଚର୍ମ ବିଶେଷଜ୍ଞଙ୍କ ସାହାଯ୍ୟ ନିଅନ୍ତୁ ।





# ଚୈତ୍ର ନବରାତ୍ରୀ

ଭାରତର ଅନେକ ସ୍ଥାନରେ ଦେବୀ ଦୁର୍ଗାଙ୍କର ଆବାହନର ପରମ୍ପରା ରହିଛି । ତେବେ ବର୍ଷକୁ ଦୁଇଥର ଦେବୀଙ୍କର ପାଳନ ହୋଇଥାଏ ନବରାତ୍ରୀ ଉତ୍ସବ । ଗୋଟିଏ ଆଶ୍ୱିନ ମାସରେ ପଡୁଥିବାବେଳେ ଅନ୍ୟଟି ଚୈତ୍ର ମାସରେ ପଡିଥାଏ, ଯାହାକୁ ଚୈତ୍ର ନବରାତ୍ରୀ ଭାବେ ଭକ୍ତମାନେ ପାଳନ କରନ୍ତି । ଏହାକୁ କେତେକ ସ୍ଥାନରେ ବାସନ୍ତିକ ଦୁର୍ଗାପୂଜା ଭାବେ ମଧ୍ୟ ନାମିତ କରାଯାଇଛି । ଏହି ନଅ ଦିନ ପାଇଁ ମାଆ ଦୁର୍ଗା ଧରାବତରଣ କରି ଭକ୍ତଙ୍କୁ ଆଶିଷ ଦେଇଥାଆନ୍ତି ବୋଲି ବିଶ୍ୱାସ ରହିଛି । ଏହି ନଅ ଦିନକୁ ବିଭିନ୍ନ ଦେବୀ ପୀଠରେ ବେଶ୍ ଧୁମଧାମରେ ପାଳନ କରାଯାଇଥାଏ । ସମସ୍ତ ଦେବୀ ପୀଠରେ କଳସ ସ୍ଥାପନା କରାଯାଇ ନଅଦିନ ଧରି ସମସ୍ତ ରିତୀନିତୀରେ ମା'ଙ୍କର ପୂଜା କରାଯାଇଥାଏ । ପୂରାଣ ବର୍ଣ୍ଣିତ ଅନୁସାରେ ପ୍ରଥମେ ଏହି ଚୈତ୍ର ନବରାତ୍ରୀକୁ ରାଜା ସୁରଥ ପାଳନ କରିଥିଲେ । ସେ ମା'ଙ୍କର ଜଣେ ବଡ ଭକ୍ତ ଥିଲେ ବସନ୍ତ ଋତୁରେ ସେ ଦୁର୍ଗାଙ୍କୁ ପୂଜା କରିଥିବାରୁ ଏହାକୁ ବାସନ୍ତିକ ଦୁର୍ଗାପୂଜା ନାମରେ ନାମିତ କରାଯାଇଛି ।



**ହିନ୍ଦୁ ମାନଙ୍କର ବାରମାସରେ ତେର ପର୍ବ ପାଳନର ପ୍ରଥା ରହିଛି । ସାଧାରଣତଃ ଆମେମାନେ ଆଶ୍ୱିନ ମାସରେ ଦୁର୍ଗାପୂଜା ପାଳନ କରିଥାଉ, ହେଲେ ଚୈତ୍ର ମାସରେ ମଧ୍ୟ ମା'ଙ୍କର ନବରାତ୍ରୀ ପାଳନର ପ୍ରଥା ରହିଛି, ଯାହାକୁ ଚୈତ୍ର ନବରାତ୍ରୀ କୁହାଯାଇଥାଏ ।**




ଏହି ଦୁର୍ଗା ପୂଜା ଭାରତର ବିଭିନ୍ନ ରାଜ୍ୟ ଯେପରି କୋଲକାତା, ଆସାମ, ମଣିପୁର, ତ୍ରିପୁରା, ଓଡ଼ିଶା, ଅରୁଣାଚଲ ପ୍ରଦେଶ, ଝାରଖଣ୍ଡ ଆଦିରେ ଧୁମ ଧାମରେ ପାଳନ କରାଯାଇଥାଏ । ଏହି ନବରାତ୍ରୀରେ ମଧ୍ୟ ନଅ ଦିନ ପାଇଁ ମାଆଙ୍କୁ ପୂଜା କରାଯାଇଥାଏ, ଯାହାର ଆରମ୍ଭ ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରୁ ହୋଇଥାଏ । ଏହାର ସମସ୍ତ ନୀତି ପ୍ରାୟ ଶାରଦୀୟ ଦୁର୍ଗାପୂଜା ସହ ସମାନ ରହିଥାଏ । ତେବେ ରାଜ୍ୟ ବା ସ୍ଥାନ ଅନୁସାରେ ଏହି ପୂଜା ନୀତିରେ ଭିନ୍ନତା ପରିଲକ୍ଷିତ ହୋଇଥାଏ । ଏହି ପୂଜାରେ ମଧ୍ୟ ମାଆଙ୍କର ୯ଟି ରୂପକୁ ପୂଜା କରାଯାଇଥାଏ । ପୂଜାର ସପ୍ତମଦିନରେ ଠାକୁରାଣୀ ନବପତ୍ରିକା ରୂପେ ପୂଜା ପାଇଥାଆନ୍ତି । ଏଥିରେ କଦଳୀ, ହଳଦୀ, ଡାଳିମ୍ବ, ଅଶୋକା, ବେଲ, ଧାନ ଆଦି ନଅ ବୃକ୍ଷର ସମାହାରକୁ ପୂଜା କରାଯାଇଥାଏ । ଏହାପରେ ଅଷ୍ଟମୀ ଦିନ ସନ୍ଧି ପୂଜା ଅନୁଷ୍ଠିତ ହୋଇଥାଏ । ଏହାପର ଦିନ ଶାନ୍ତି ଯଥା ନବମୀ ପୂଜା ଅନୁଷ୍ଠିତ ହୋଇଥାଏ । ଏହାପରେ ମାଆଙ୍କର ମାଟି ମୂର୍ତ୍ତିକୁ କେତେକ ସ୍ଥାନରେ ବିସର୍ଜନ ମଧ୍ୟ କରାଯାଇଥାଏ । ଏହି ପର୍ବକୁ ଅସତ୍ୟ ଓ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ରୂପେ ପାଳନ କରାଯାଇଥାଏ ।

ଏଭଳି ବୋଲିଂ କେହି କେବେ କରିନଥିଲେ । ସେନ୍‌ୱର୍ଣ୍ଣ ହୁଅନ୍ତୁ ଅବା ମୁଥିୟା ମୁରଲୀଧରନ କି କୁଲଦୀପ ଯାଦବ । ସେଲଭା ସେକରନ୍‌ଙ୍କ ପରି ବୋଲିଂ କେହି କେବେ କରିନଥିଲେ । ଯିଏବି ବ୍ୟାଟିଂ କରିବା ପାଇଁ ଆସିଥିଲା, କେବଳ ଆଉଟ୍ ହୋଇଫେରିଥିଲା । ତାଙ୍କ ବଲକୁ କୌଣସି ବ୍ୟାଟର ବୁଝି ପାରି ନଥିଲେ । ସେ ୯ ଓଭର ବୋଲିଂ କରି ୮ ୱିକେଟ ନେବା ସହ ଆଦୌ ରନ୍ ଦେଇନଥିଲେ ।

# ଶ୍ରୀଲଙ୍କା କ୍ରିକେଟ'ର ବିସ୍ମୟ ସେଲଭା ସେକରନ୍





**ବୟସ ମାତ୍ର ୧୦ ବର୍ଷ । ହେଲେ ଖେଳରେ କରିଛନ୍ତି କମାଲ । ଏମିତି ଖେଳିଲେ ଯେ, ତାଙ୍କ ଖେଳ ଦେଖି ସବୁ ବୋକା ବନି ଯାଇଛନ୍ତି । ୯ ଓଭର ପକାଇ ୮ ୱିକେଟ୍ ନେଇଥିଲେ । ସବୁ ଓଭର ପୁଣି ମେଡେନ୍ ଥିଲା । ପୁରା ଷ୍ଟାଡିୟମକୁ ନିଜ ବିଚକ୍ଷଣ ବୋଲିଂ ବଳରେ ଚମକା ଦେଇଥିଲେ ଶ୍ରୀଲଙ୍କାର ଯୁବ ବୋଲର ସେଲଭା ସେକରନ୍ ।**

କଥାଟି ଏକଦମ୍ ସତ । ଶ୍ରୀଲଙ୍କାର କୁନି କ୍ରିକେଟର ସେଲଭା ସେକରନ୍ ସ୍କୁଲ କ୍ରିକେଟରେ କମାଲ ଦେଖାଇ ପୂରା ଶ୍ରୀଲଙ୍କା କ୍ରିକେଟରେ ଛାଇ ଯାଇଛନ୍ତି । ଇଣ୍ଟର ସ୍କୁଲ କ୍ରିକେଟରେ କମାଲ କରିଛନ୍ତି ସେ । ବଲ ଟର୍ଣ୍ଣ ହୋଇଥିଲା। କେହି ମଧ କିଛି ବୁଝି ପାରି ନଥିଲେ । ଯିଏ ବି ବ୍ୟାଟିଂ କରିବାକୁ ଆସିଥିଲେ, ସମସ୍ତେ ତାଙ୍କ ସ୍ପିନ୍ ଯାଦୁରେ ଫସିଥିଲେ । କଲମ୍ବୋରେ ଅନୁଷ୍ଠିତ ଇଣ୍ଟର ସ୍କୁଲ କ୍ରିକେଟରେ ହିନ୍ଦୁ କଲେଜ୍ ପକ୍ଷରୁ ଖେଳୁଥିବା ସେଲଭା ସେକରନ୍ ରିଷି ଯୁଦାନ୍ ଏମଡିଏଚ୍ ଜୟବର୍ଦ୍ଧନା କଲେଜ୍ ବିପକ୍ଷରେ ୯.୪ ଓଭର ବୋଲି କରି ହାତେଇଥିଲେ ୮ ୱିକେଟ୍ ।

ପ୍ରଥମେ ବ୍ୟାଟିଂ କରି ହିନ୍ଦୁ କଲେ କରିଥିଲା ୧୨୬ରନ୍ । ଏହାପରେ ଏମଡିଏଚ୍ କଲେଜ ବ୍ୟାଟିଂ କରିବାକୁ ଆସିଥିଲା । କିନ୍ତୁ ସେଲଭା ସେକରନ୍‌ଙ୍କ ୮ ୱିକେଟ ନେଇ ହତଚକିତ କରି ଦେଇଥିଲେ । ଏହାପରେ ତାଙ୍କୁ ଅନେକ ସାରା ଉପହାର ମିଳିବା ସହ କିଟ୍ ବ୍ୟାଗ୍ ବି ମିଳିଛି ।

ସେଲଭା ସେକରନ୍ ୬ ପ୍ରକାର ସ୍ପିନ୍ ବୋଲିଂ ଜାଣିଛନ୍ତି । ତାଙ୍କର ଫେଭରିଟ ବୋଲର ହେଉଛନ୍ତି ଅଷ୍ଟ୍ରେଲିଆର ନାଥନ୍ ଲିୟନ୍ । ସେ ସବୁବେଳେ ତାଙ୍କ ଭଳି ବୋଲିଂ କରିବାକୁ ପସନ୍ଦ କରନ୍ତି । ସେଭଲା ସେକରନଙ୍କ ସ୍ୱପ୍ନ କି, ତାଙ୍କୁ ଯେତେବେଳେ ୧୯ ବର୍ଷ ହୋଇଥିବ ସେତେବେଳେ ସେ ଶ୍ରୀଲଙ୍କା ଅଣ୍ଡର-୧୯ ଦଳରେ ଖେଳୁଥିବେ । ତେବେ ଅନେକ ଲୋକ ତାଙ୍କ ବୋଲିଂ ଦେଖି ତାଙ୍କୁ ଶ୍ରୀଲଙ୍କାର ମୁଥିଆ ମୁରଲୀଧନଙ୍କ ସହ ତୁଳନା କରିଛନ୍ତି ।



# ମୁମ୍ବାଇ ଦଳକୁ ଫେରିବେ ସୂର୍ଯ୍ୟ

ଚଳିତ ସିଜନରେ କ୍ରମାଗତ ତିନିଟି ମ୍ୟାଚ୍ ହାରିଥିବା ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଏକ ଖୁସି ଖବର । ମିଷ୍ଟର ୩୬୦ ଡିଗ୍ରୀ ଭାବରେ ଜଣାଶୁଣା ସୂର୍ଯ୍ୟକୁମାର ଯାଦବ ସମ୍ପୂର୍ଣ୍ଣ ଫିଟ୍ ହୋଇଯାଇଛନ୍ତି । ସେ ଆଇପିଏଲ୍ ୨୦୨୪ରେ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିବାକୁ ଏବେ ପ୍ରସ୍ତୁତ ହୋଇସାରିଛନ୍ତି । ଟି -୨୦ ଇଣ୍ଟରନ୍ୟାସନାଲରେ ବିଶ୍ୱର ନମ୍ବର ୱାନ ବ୍ୟାଟର ସୂର୍ଯ୍ୟକୁମାର ଆହତ ହେବା ପରେ କ୍ରିକେଟ୍ ପଡ଼ିଆଠାରୁ ଦୂରରେ ଅଛନ୍ତି । ଅସ୍ତ୍ରୋପଚାର କାରଣରୁ, ସୂର୍ଯ୍ୟ ଆଇପିଏଲ ୨୦୨୪ରେ ଗୋଟିଏ ବି ମ୍ୟାଚ୍ ଖେଳିବାକୁ ସକ୍ଷମ ହୋଇନାହାଁନ୍ତି ।

ସୂର୍ଯ୍ୟଙ୍କ ବିନା ତାଙ୍କ ଦଳ ବିଜୟୀ ଖାତା ମଧ ଖୋଲି ପାରି ନାହିଁ । ସୂର୍ଯ୍ୟକୁମାର ଯାଦବ ଆଇପିଏଲ ୨୦୨୪ରେ ଖେଳିବା ପାଇଁ ନ୍ୟାସନାଲ କ୍ରିକେଟ୍ ଏକାଡେମୀ (ଏନସିଏ) ରୁ ସବୁଜ ସଙ୍କେତ ପାଇଛନ୍ତି । ସେ ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗଦେବେ । ମୁମ୍ବାଇ ଇଣ୍ଡିଆନ୍ସ ଦିଲ୍ଲୀ କ୍ୟାପିଟାଲସ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ । ସୂର୍ଯ୍ୟକୁମାର ଯାଦବ ରବିବାର ମ୍ୟାଚରେ ଖେଳିପାରନ୍ତି । ସୂର୍ଯ୍ୟକୁମାର ଯାଦବଙ୍କ ଆଇପିଏଲ୍ କ୍ୟାରିୟର ବାବଦରେ କହିବାକୁ ଗଲେ, ସେ ଏପର୍ଯ୍ୟନ୍ତ ୧୩୯ଟି ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରେ ଏହି ଖେଳାଳି ୧୪୩.୩୨ ଷ୍ଟ୍ରାଇକ୍ ହାରରେ ୩୨୪୯ ରନ୍ ଏବଂ ହାରାହାରି ୩୧.୮୫ ରନ୍ କରିଛନ୍ତି ।




# ବିରୋଧୀ ଦଳର ମନୋବଳ ବଢ଼ାଇଲେ ଶାହରୁଖ

ଦିଲ୍ଲୀ କ୍ୟାପିଟାଲସ ବିପକ୍ଷ ମ୍ୟାଚରେ କେକେଆର ଚମତ୍କାର ପ୍ରଦର୍ଶନ କରି ୧୦୬ରନରେ ବିଜୟୀ ହୋଇଥିଲା । କେକେଆର ଜିତିବା ପରେ ଶାହରୁଖ ଖାନ ନିଜ ଟିମର ଖେଳାଳିଙ୍କୁ ଭେଟିବାକୁ ପଡ଼ିଆକୁ ଯାଇଥିଲେ । ଏହି ସମୟରେ ସେ ନିଜ ଟିମ୍ ସହ ବିରୋଧୀ ଟିମ୍ ଯଥା ଦିଲ୍ଲୀ କ୍ୟାପିଟାଲ୍ସର କ୍ରିକେଟରଙ୍କୁ ମଧ୍ୟ ଭେଟିଥିବା ଦେଖିବାକୁ ମିଳିଥିଲା । ଏହି ସମୟର ଫଟୋ ଓ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି, ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଫଟୋରେ ଦେଖାଯାଇଛି ଯେ, ଶାହରୁଖ ନିଜ ଟିମକୁ ଭେଟିସାରି ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ରିଷଭ ପନ୍ତଙ୍କୁ ଭେଟୁଛନ୍ତି । ତାଙ୍କୁ ଆଲିଙ୍ଗନ କରି ତାଙ୍କ କାନରେ କିଛି କହୁଥିବା ଦେଖାଯାଇଛି । ଏହି ଫଟୋ ଦେଖି ଏବେ ସମସ୍ତେ ଶାହରୁଖଙ୍କୁ ପ୍ରଶଂସା କରିବା ଆରମ୍ଭ କରିଛନ୍ତି । ହାରିବା ପରେ ଦୁଃଖୀ ହୋଇଥିବା ଦିଲ୍ଲୀ କ୍ୟାପିଟାଲସ ଟିମର ମନୋବଳ ବଢ଼ାଇବାକୁ ଶାହରୁଖ କ୍ରିକେଟରଙ୍କ ପାଖକୁ ଯାଇଥିଲେ ।

କେକେଆର ମ୍ୟାଚ୍ ଜିତିବା ପରେ ପଡ଼ିଆରେ ସାଥୀ ଖେଳାଳିଙ୍କ ସହ ତଳେ ବସିଥିଲେ ପନ୍ତ । ଏହା ଦେଖି ଶାହରୁଖ ତାଙ୍କ ଆଡକୁ ଆସିଥିଲେ । ଶାହରୁଖ ଆସୁଥିବା ଦେଖି ପନ୍ତ ଓ ଅନ୍ୟ କ୍ରିକେଟର ଛିଡ଼ା ହେଉଥିବା ବେଳେ ଶାହରୁଖ ସେମାନଙ୍କୁ ବସିବାକୁ କହିଥିଲେ । ହେଲେ ପନ୍ତ ଛିଡ଼ା ହୋଇ ଶାହରୁଖଙ୍କୁ ଆଲିଙ୍ଗନ କରିଥିଲେ । ଏହା ପରେ ଶାହରୁଖ ପନ୍ତଙ୍କ କାନରେ କିଛି କହୁଥିବା ଦେଖିବାକୁ ମିଳିଥିଲା । ଏହି ସମୟର କିଛି ଫଟୋ ଓ ଭିଡିଓ ଏବେ କ୍ରିକେଟ ପ୍ରେମୀଙ୍କ ମନ କିଣିଛି ।




## ଧୀମା ବୋଲିଂ ହାର ନେଇ ଅଡୁଆରେ ପନ୍ତ

ଚଳିତ ଆଇପିଏଲରେ ଧୀମା ବୋଲିଂ ହାର ନେଇ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ରିଷଭ ପନ୍ତ ଏକାଧିକ ବାର ଦଣ୍ଡିତ ହୋଇଛନ୍ତି । କେକେଆର ବିପକ୍ଷ ମ୍ୟାଚରେ ମଧ୍ୟ ଦିଲ୍ଲୀ ଟିମ ନିର୍ଦ୍ଧାରିତ ସମୟରେ ବୋଲିଂ ଶେଷ କରିପାରି ନ ଥିଲା । ଏହା ପୂର୍ବରୁ ଚେନ୍ନାଇ ସୁପର କିଙ୍ଗସ ବିପକ୍ଷ ମୁକାବିଲାରେ ମଧ୍ୟ ଦିଲ୍ଲୀ ଟିମ ଏହି ଭୁଲ କରିଥିଲା । ପ୍ରଥମ ମ୍ୟାଚରେ ପନ୍ତଙ୍କ ଉପରେ ୧୨ ଲକ୍ଷ ଓ ଏବେ ୨୪ ଲକ୍ଷ ଟଙ୍କାର ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି । ଆଗକୁ ଯଦି ସେ ଏଥିରେ ସୁଧାର ନ ଆଣନ୍ତି ତେବେ କେତେକ ମ୍ୟାଚରୁ ବାସନ୍ଦ ହୋଇପାରନ୍ତି । ଅନ୍ୟ ଖେଳାଳିମାନଙ୍କ ଉପରେ ମ୍ୟାଚ ଫିର ୨୫ ପ୍ରତିଶତ ଜରିମାନା ଲଗାଯାଇଛି । ପନ୍ତଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ସତ୍ତ୍ୱେ କେକେଆର ନିକଟରୁ ଦିଲ୍ଲୀ ଶୋଚନୀୟ ଭାବେ ପରାଜିତ ହୋଇଥିଲା ।

# ମୁମ୍ବାଇ ସହ ସମ୍ପର୍କ ତୁଟାଇବେ ରୋହିତ


ଚଳିତ ଆଇପିଏଲରେ ରୋହିତ ଶର୍ମାଙ୍କୁ ହଟାଯାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ କରିବା ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ମହଙ୍ଗା ସାବ୍ୟସ୍ତ ହେବାରେ ଲାଗିଛି । ଦଳ ଏବେ କ୍ରମାଗତ ୩ଟି ମ୍ୟାଚରେ ପରାଜିତ ହୋଇ ଚାପରେ ରହିଛି । ରିପୋର୍ଟ ମୁତାବକ ଅସନ୍ତୁଷ୍ଟ ରୋହିତ ଏହି ସିଜନ ପରେ ମୁମ୍ବାଇ ଫ୍ରାଞ୍ଚାଇଜକୁ ଅଲବିଦା କହି ପାରନ୍ତି । ସେ ପରୋକ୍ଷରେ ଏ ସମ୍ପର୍କରେ ସୂଚନା ମଧ୍ୟ ଦେଇ ସାରିଛନ୍ତି । ରୋହିତଙ୍କ ନେତୃତ୍ୱରେ ମୁମ୍ବାଇ ୫ଥର ଟାଇଟଲ ହାସଲ କରିଥିଲା । ତାଙ୍କୁ ଯେଉଁ ଭଳି ଶୈଳୀରେ ଅଧିନାୟକ ପଦରୁ ହଟାଗଲା ତାହା ଟିମକୁ ଦୁଇ ଭାଗରେ ଭାଗ କରି ଦେଇଥିଲା ।

ହାର୍ଦ୍ଦିକଙ୍କ ନେତୃତ୍ୱ ଦକ୍ଷତା ମଧ୍ୟ ପଦାରେ ପଡିବାରେ ଲାଗିଛି । ତାଙ୍କର କେତେକ ନିଷ୍ପତ୍ତି ନେଇ ରୋହିତ ଅସନ୍ତୋଷ ବ୍ୟକ୍ତ କରିବା ପରେ ଡ୍ରେସିଂ ରୁମରେ ଉଭୟଙ୍କ ମଧ୍ୟରେ ଅଶାନ୍ତି ଲାଗିରହିଛି । ଟିମ ଏକଜୁଟ ହୋଇ ରହି ନ ଥିବାରୁ ଏହା ବଡ଼ ସମସ୍ୟା ସୃଷ୍ଟି କରୁଛି । କେତେକ ଘଟଣାରେ ପଡିଆରେ ରୋହିତ ଓ ହାର୍ଦ୍ଦିକଙ୍କ ମଧ୍ୟରେ ବିବାଦ ଥିବା ଜଣା ପଡୁଛି ।



# ହ୍ୱାଇଟ୍ ଟାଇଗର

**ବଲିଉଡ୍‌ରେ ଏଭଳି କେତେଜଣ ଆକ୍ଟର ଅଛନ୍ତି ଯିଏ ଖୁବ କମ ବୟସରେ ବି ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି । ସେହିଭଳି ଜଣେ ଅଭିନେତା ହେଲେ ଆଦର୍ଶ ଗୌରବ । ଯିଏ ବର୍ତ୍ତମାନ ହ୍ୱାଇଟ୍ ଟାଇଗର ନାଁରେ ତାଙ୍କ ଫ୍ୟାନଙ୍କ ମଧ୍ୟରେ ପରିଚିତ ।**




୧୯୯୪ରେ ଜନ୍ମିତ ଏହି ଅଭିନେତା ମାତ୍ର ୩୦ ବର୍ଷ ବୟସରେ ବଲିଉଡ ସହିତ ହଲିଉଡ୍‌ରେ ମଧ୍ୟ ନିଜ ପାଇଁ ପରିଚୟ ସୃଷ୍ଟି କରିପାରିଛନ୍ତି । ସେ ନିଜ କ୍ୟାରିୟର ୨୦୧୦ରେ ନିଜ କ୍ୟାରିୟର ଫିଲ୍ମ 'ମାଇ ନେମ୍ ଇଜ୍ ଖାନ୍'ରୁ ଆରମ୍ଭ କରିଥିଲେ । ଏଥିରେ ତାଙ୍କ ଅଭିନୟକୁ ସମସ୍ତେ ବେଶ୍ ଭଲ ପାଇବା ଦେଇଥିଲେ । ଏହାପରେ ଗୋଟିଏ ପରେ ଗୋଟିଏ ଫିଲ୍ମ ଓ ସିରିଜ୍‌ରେ ସେ ନଜର ଆସିଥିଲେ । ୨୦୧୬ରେ ତାଙ୍କୁ ଦେଖିବାକୁ ମିଳିଥିଲା ଇଂରାଜୀ ଫିଲ୍ମ ମ୍ୟାଡଲିରେ, ଯାହା ଏକ ଆନ୍ଥୋଲୋଜି ସେଗ୍‌ମେଣ୍ଟ ଥିଲା । ଏହାକୁ ଦର୍ଶକ ଖୁବ ଭଲ ପାଇବା ଦେଇଥିଲେ । ସେହିଭଳି ଏତେ କମ ବୟସରେ ହଲିଉଡ୍ ଡେବ୍ୟୁ କରିପାରିଥିବାରୁ ସମସ୍ତେ ତାଙ୍କୁ ନେଇ ଗର୍ବ ମଧ୍ୟ କରିଥିଲେ । ଏହାପରେ ୨୦୧୭ରେ ତାଙ୍କୁ ଥ୍ରିଲର ଡ୍ରାମା ରୁଖ ଓ ହିନ୍ଦି ଫିଲ୍ମ ମମ୍‌ରେ ଦେଖିବାକୁ ମିଳେ । ଏହି ଦୁଇଟିରେ ମଧ୍ୟ ସେ ଖୁବ ଭଲ ନିଖୁଣ ଅଭିନୟ କରିଥିଲେ, ଯାହା ଦର୍ଶକଙ୍କ ସହିତ ସମୀକ୍ଷକ ସମସ୍ତଙ୍କୁ ପସନ୍ଦ ଆସିଥିଲା । ତେବେ ୨୦୨୧ରେ ତାଙ୍କୁ ଟିକେ ଅଧିକ ଫେମ୍ ମିଳେ ଫିଲ୍ମ ଦି ହ୍ୱାଇଟ୍ ଟାଇଗର କାରଣରୁ । ହ୍ୱାଇଟ୍ ଟାଇଗରରେ ସେ ବଲରାମ ହବାଇ ଚରିତ୍ରରେ ନଜର ଆସନ୍ତି, ଯାହା ତାଙ୍କୁ ଖୁବ ଫେମ୍ ଦେଇଥାଏ । ଏହାସହ ତାଙ୍କ ଫ୍ୟାନମାନେ ତାଙ୍କୁ ହ୍ୱାଇଟ୍ ଟାଇଗର ନାଁରେ ସମ୍ବୋଧନ ମଧ୍ୟ କରନ୍ତି । ଏହି ଫିଲ୍ମରେ ସେ ପ୍ରିୟଙ୍କା ଚୋପ୍ରା ଓ ରାଜକୁମାର ରାଓଙ୍କ ସହିତ ସ୍କ୍ରିନ୍ ସେୟାର କରିଛନ୍ତି । କେବଳ ଫିଲ୍ମ ନୁହେଁ ତାଙ୍କୁ ଅନେକ ହିନ୍ଦୀ ଓ ଇଂରାଜୀ ଭାଷାର ଟିଭି ସିରିଜରେ ଦେଖିବାକୁ ମିଳିଛି । ଆଗକୁ ତାଙ୍କର ଆଲେନ୍ ନାମକ ଏକ ଆମେରିକାନ ଟିଭି ସିରିଜ୍ ଆସିବାକୁ ଯାଉଛି, ଯାହାକୁ ନେଇ ସେ ଖୁବ ଚର୍ଚ୍ଚାରେ ଅଛନ୍ତି । ତାଙ୍କୁ କେତେ ଗୁଡିଏ ସର୍ଟ ଫିଲ୍ମରେ ମଧ୍ୟ ଦେଖିବାକୁ ମିଳିଛି, ଯାହା ଦର୍ଶକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି ।

ଝାରଖଣ୍ଡରେ ଜନ୍ମିତ ଆଦର୍ଶ ନିଜର ସ୍କୁଲ ପାଠ ଝାରଖଣ୍ଡ ଓ କଲେଜ ପାଠ ମୁମ୍ବାଇରେ ସାରିଥିଲେ । ତେବେ ଟିଭିରେ ବାହାରିବାର ଲୋଭ ତାଙ୍କୁ ଆକ୍ଟିଂ ଦୁନିଆକୁ ଆଣିଥିଲା ବୋଲି ଆଦର୍ଶ ମତ ଦେଇଥାଆନ୍ତି ।  ସେ ନିଜର ଆକ୍ଟିଂ ପାଠ ମୁମ୍ବାଇ ଡ୍ରାମା ସ୍କୁଲରୁ ସାରିଛନ୍ତି । କେବଳ ଅଭିନୟ ନୁହେଁ, ମ୍ୟୁଜିକ୍‌ରେ ମଧ୍ୟ ଆଦର୍ଶଙ୍କର ରୁଚି ରହିଛି । ସେ ବିଭିନ୍ନ ଗୁରୁଙ୍କ ଠାରୁ ନଅ ବର୍ଷ ଧରି ହିନ୍ଦୁସ୍ତାନୀ କ୍ଲାସିକାଲ ମ୍ୟୁଜିକ୍ ଶିକ୍ଷା କରିଛନ୍ତି । ଅଭିନୟକୁ ଭଲ ପାଉଥିବା ଆଦର୍ଶ ଆଗକୁ ବଲିଉଡ୍ ସହିତ ହଲିଉଡ୍‌ରେ ମଧ୍ୟ ଅନେକ ଫିଲ୍ମରେ କାମ କରିବାକୁ ଯୋଜନା ରଖିଛନ୍ତି ।